## ସଂକ୍ଷେପରେ

### ନଦୀବନ୍ଧ ରାସ୍ତା ଶୋଚନୀୟ, ମରାମତି ଦାବି

ପାଟକୁରା, ୧୩।୩ (ଡି.ଏନ.ଏ.): ଗରଦପୁରବ ବ୍ଲକ ଅଧୀନ ମହାନଦୀର ଉତ୍ତରପାର୍ଶ୍ୱ ନଦୀବନ୍ଧ ରାସ୍ତା ମାହାଳହାଟଠାରୁ ବଡ଼ନୟନପୁର ସାଇଫନ୍ ଛକ ପର୍ଯ୍ୟନ୍ତ ଖାଲଖମାରେ ଭର୍ତ୍ତି ହୋଇଛି। ଗତବର୍ଷ ଲକ୍ଷାଧିକ ଟଙ୍କା ବ୍ୟୟରେ ମରାମତି କରାଯାଇଥିବା ଏହି ରାସ୍ତା ଏବେ ମରଣଯନ୍ତା ପାଲଟିଛି। ପୁନ୍ଦାଳ ଜନ ସମ୍ପଦ ଡିଭିଜନ ଅଧୀନରେ ଥିବା ଏହି ରାସ୍ତା ପ୍ରତିବର୍ଷ ଲକ୍ଷାଧିକ ବ୍ୟୟରେ ମରାମତି କରାଯାଉ ଥିଲେ ହେଁ ଏହା କିଛିମାସ ମଧ୍ୟରେ ଖାଲଖମାରେ ଭର୍ତ୍ତି ହେଉଛି। ଏହି ରାସ୍ତା ଦେଇ ଦୈନିକ ଶହ ଶହ ଗାଡ଼ି ମୋଟର ଚଳାଚଳ କରୁଥିବା ବେଳେ ଛାତ୍ରୀଛାତ୍ରମାନେ ସ୍କୁଲ କଲେଜ ଯାଆସ କରନ୍ତି। ରାସ୍ତାର ଏଭଳି ଅବସ୍ଥା ଯୋଗୁ ଅନେକ ସମୟରେ ଛୋଟ ବଡ଼ ଦୁର୍ଘଟଣାମାନ ମଧ୍ୟ ଘଟୁଛି। ବିଭାଗୀୟ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେଉ ନ ଥିବାରୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏ ସମ୍ପର୍କରେ ଓରିକଣ୍ଟା ଜଳସମ୍ପଦ କନିଷ୍ଠ ଯନ୍ତ୍ରୀ ମହେନ୍ଦ୍ର ସାହୁଙ୍କୁ ପଚାରିବାରେ ଏହି ନଦୀବନ୍ଧ ରାସ୍ତାରେ ଦୈନିକ ୫୦ରୁ ୬୦ ଟନ୍ ଓଜନର ଏକାଧିକ ବାଲି ବୋଝେଇ ଟ୍ରକ, ଟ୍ରାକ୍ଟର ଯାଆସ କରୁଛି। ଏହି ରାସ୍ତାରେ ଭାରିଯାନ ଚଳାଚଳ ବନ୍ଦ କରିବା ପାଇଁ କିଶନନଗର ତହସିଲକୁ ଚିଠି ଲେଖା ଯାଇଥିଲେ ହେଁ ସେମାନେ ଏ ଦିଗରେ ପଦକ୍ଷେପ ଗ୍ରହଣ କରୁନାହାନ୍ତି। ତେଣୁ ରାସ୍ତା ନିର୍ମାଣର ଖୁବ୍ କମ୍ ଦିନରେ ଏହା ଶୋଚନୀୟ ହୋଇପଡୁଥିବା ସେ କହିଛନ୍ତି।

### ନାବାଳିକାଙ୍କୁ ବଳାତ୍କାର ଘଟଣା: ଜେଜେବାପାଙ୍କୁ ୧୦ ବର୍ଷ ଜେଲ

**ବାଲେଶ୍ୱର ଅଫିସ୍,୧୩।୩:** ବାଲେଶ୍ୱର ଏଡିଜେଏମ ସେକ୍ସନ ଜଜ୍ ତଥା ସତନ୍ତ୍ର ଜଜ (ପୋକ୍ସୋ)ଅଜନ୍ତା ଷଡଙ୍ଗୀ ଜଣେ ନାବାଳିକାକୁ ବଳତ୍କାର କରାଯିବା ମାମଲାର ବିଚାର କରି ଅଭିଯୁକ୍ତ ସମ୍ପର୍କୀୟ ସାନ ଜେଜେବାପାକୁ ୧୦ ବର୍ଷ ଜେଲ ଦଣ୍ଡଦେଶ ଦେଇଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦେୟ ହେଲେ ସେ ଅଧିକ ୩ ମାସ ଜେଲ ଦଣ୍ଡ ଭୋଗିବେ। ମକଦ୍ଦମା ବିବରଣୀ ଅନୁଯାୟୀ ପୀଡିତା ନାବାଳିକାଙ୍କ ବାପା ଅନ୍ୟ ରାଜ୍ୟକୁ ଯାଇ କାମ କରୁଥିବାରୁ ସେ ଘରେ ମା'ଙ୍କ ପାଖରେ ରହୁଥିଲେ। ମା'ଙ୍କ ଅନୁପସ୍ଥିତିର ସୁଯୋଗ ନେଇ ସମ୍ପର୍କୀୟ ସାନ ଜେଜେ ବାପା ତାଙ୍କୁ ବଳତ୍କାର କରିଥିଲେ। ଏକଥା କାହାକୁ କହିଲେ ଜୀବନରୁ ମାରି ଦେବାକୁ ସେ ଧମକ ଦେଇଥିଲେ। ନାବାଳିକା ଜଣଙ୍କ ଭୟଭୀତ ହୋଇ କାହାରିକୁ କିଛି କହି ନ ଥିଲେ। ପରେ ସାଙ୍ଗମାନଙ୍କ କଥା ହେବା ବେଳେ ଘଟଣା ପଦାକୁ ଆସିଥିଲା। ନା ବାଳିକାଙ୍କ ମା' ଏ ନେଇ କର୍ମଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ( ନଂ.୬୦୪/୨୦୧୪) ରୁଜୁ କରି ତଦନ୍ତ କରିଥିଲା। ପରେ କ୍ରାଇମବ୍ରାଞ୍ଚ ତରଫରୁ ଏହି ମାମଲାକୁ ରେଡଫ୍ଲାଗ୍ ମାମଲା ଭାବରେ ବିବେଚନା କରାଯାଇ ଏହାର ତଦନ୍ତ କରାଯାଇଥିଲା। ବିଚାରପତି ଷଡଙ୍ଗୀ ୧୪ ଜଣଙ୍କଠାରୁ ସାକ୍ଷ୍ୟ ପ୍ରମାଣ ଗ୍ରହଣ କରିବା ସହ ୨୩ ଦସ୍ତାବିଜ୍‌କୁ ଆଧାର କରି ଅଭିଯୁକ୍ତକୁ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ତରଫରୁ ଆଇନ୍‌ଜୀବୀ ପ୍ରଣବ କୁମାର ପଣ୍ଡା ଉକ୍ତ ମାମଲା ପରିଚାଳନା କରୁଥିଲେ।

■ ଜିଲାରେ ୨ ଲକ୍ଷରୁ ଊର୍ଦ୍ଧ୍ୱ ଜବ୍‌କାର୍ଡଧାରୀ

# ଶହେ ଦିନର କାମ ପାଇଛନ୍ତି ୧୦୨ ପରିବାର

କେନ୍ଦ୍ରାପଡ଼ା ଅଫିସ୍, ୧୩।୩

**ଏମ୍‌ଜିଏନ୍‌ଆର୍‌ଇଜିଏସ୍ ବାଟବଣା**

- ୩୬,୮୪୫ ପ୍ରକଳ୍ପ ମଞ୍ଜୁର, ନିର୍ମାଣ ସରିଛି ୯,୫୭୨
- ତତ୍ପରତା ଦେଖାଉନାହାନ୍ତି ଲୋକପ୍ରତିନିଧି ଓ ପ୍ରଶାସନିକ ଅଧିକାରୀ
- ଉଦ୍‌ବେଗଜନକ ହେଲାଣି ଦାଦନ ଶ୍ରମିକ ସମସ୍ୟା

ସାଧାରଣ ନିର୍ବାଚନ ପାଇଁ ସମସ୍ତ ରାଜନୈତିକ ଦଳ ଏବେ ତତ୍ପର ହୋଇଛନ୍ତି। ସଭାସମିତିରେ କେନ୍ଦ୍ରାପଡା ଜିଲାର କର୍ମ ନିଯୁକ୍ତି ମୁଖ୍ୟ ପ୍ରସଙ୍ଗ ହେଉଛି। ଦାଦନ ସମସ୍ୟା ଏଠାରେ ଉତ୍କଟ ଓ ବହୁ ଶ୍ରମିକ ମୃତ୍ୟୁ, ନିର୍ଯାତନାର ଶିକାର ହୋଇଥିବା ଉଦାହରଣ ଦିଆଯାଉଛି। ଏ କ୍ଷେତ୍ରରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଶ୍ରମିକଙ୍କୁ ନିଯୁକ୍ତି ସମସ୍ୟାରୁ ମୁକ୍ତ କରିପାରନ୍ତା। ଜିଲାରେ ଏହି ଯୋଜନାରେ ଚଳିତ ଆର୍ଥିକ ବର୍ଷ ପାଇଁ ୩୬,୮୪୫ଟି ପ୍ରକଳ୍ପ ମଞ୍ଜୁର ହୋଇଛି। ତେବେ କର୍ମ ନିଯୁକ୍ତିକୁ ଗୁରୁତ୍ୱ ଦିଆଯାଇ ନଥିବାରୁ ମାତ୍ର ୯,୫୭୨ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିବା ବେଳେ ଆହୁରି ୨୬,୩୭୩ ପ୍ରକଳ୍ପ ନିର୍ମାଣାଧୀନ ଅଛି। ଚଳିତ ଆର୍ଥିକ ବର୍ଷ ଶେଷ ହେବାକୁ ଆଉ କିଛି ଦିନ ବାକି ଅଛି। ଜିଲାର ରେଜେଷ୍ଟ୍ରିଭୁକ୍ତ ମୋଟ ୨,୧୩,୫୯୧ ପରିବାର ମଧ୍ୟରୁ ମାତ୍ର ୧୦୨ ପରିବାରକୁ ୧୦୦ ଦିନର କାମ ମିଳିଛି। ସ୍ଥାନୀୟ ଲୋକ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀଙ୍କ ଅସହଯୋଗ ଯୋଗୁ ଯୋଜନାର ଏଭଳି ଦୟନୀୟ ସ୍ଥିତି ହୋଇଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

ଜିଲା ପ୍ରଶାସନ ତଥ୍ୟ ଅନୁସାରେ ଚଳିତ ଆର୍ଥିକ ବର୍ଷରେ ରାଜନଗର ବ୍ଲକ ଅଞ୍ଚଳରେ ସର୍ବାଧିକ ୫୨ ଜବକାର୍ଡଧାରୀ ପରିବାର ୧୦୦ ଦିନର କାର୍ଯ୍ୟ କରିଛନ୍ତି। ରାଜକନିକା ବ୍ଲକ ଅଞ୍ଚଳର ୧୩ ଓ ମହାକାଳପଡ଼ା ବ୍ଲକ ଅଞ୍ଚଳର ୧୨ ପରିବାର ବ୍ୟତୀତ ଅନ୍ୟ ବ୍ଲକ ଅଞ୍ଚଳରେ ଏହି ସଂଖ୍ୟା ୧୦ରେ ପହଞ୍ଚିନି। ଏ ସମ୍ପର୍କରେ ସାମାଜିକ କର୍ମୀ ଛୋଟି ଗ୍ରାମର ବାନାମ୍ବର ସାହୁ କୁହନ୍ତି, ରାଜ୍ୟ ସରକାରଙ୍କ ଅର୍ଥନୈତିକ ଓ ସାମାଜିକ ଭିତ୍ତିଭୂମି ସର୍ଭେ ଅନୁଯାୟୀ ଆର୍ଥିକ ବିକାଶ କ୍ଷେତ୍ରରେ କେନ୍ଦ୍ରାପଡ଼ା ଜିଲା ରାଜ୍ୟର ୨୬ ନଂ. ଜିଲାରେ ସ୍ଥାନ ପାଇଛି। ଗ୍ରାମାଞ୍ଚଳର ଭିତ୍ତିଭୂମି ଉନ୍ନତି ପାଇଁ ପ୍ରଶାସନିକସ୍ତରରେ ପ୍ରକଳ୍ପ ସମ୍ପର୍କରେ ପ୍ରସ୍ତାବ ଗ୍ରହଣ କରାଯାଇ ଯୋଜନା ହେଉଛି। ଯୋଜନା କାର୍ଯ୍ୟକାରୀ ହେଲେ ଜିଲାରୁ ଦାଦନ ଶ୍ରମିକଙ୍କ ସମସ୍ୟା କମିଯାଆନ୍ତା। ସ୍ଥାନୀୟ ଲୋକ ପ୍ରତିନିଧି ଓ ପ୍ରଶାସନ ପକ୍ଷରୁ ଏ ନେଇ କୌଣସି ତତ୍ପରତା ଦେଖାଯାଉନାହିଁ। ଏଥିପାଇଁ ଶ୍ରମିକମାନେ ଜିଲା ବାହାରକୁ ଯାଇ ଦାଦନ ଖଟୁଛନ୍ତି। ଏଥିପ୍ରତି ରାଜନେତା ଓ ପ୍ରଶାସନ ପକ୍ଷରୁ ସତର୍କ ଦୃଷ୍ଟି ଦିଆଯିବା ଆବଶ୍ୟକ ବୋଲି ବାନାମ୍ବର ମତ ଦେଇଛନ୍ତି। ସାମାଜିକ କର୍ମୀ ରଞ୍ଜନ ଦାସ କୁହନ୍ତି, ନିକଟରେ ଓସା ପକ୍ଷରୁ ଏକ ଆଲୋଚନାଚକ୍ର ହୋଇଥିଲା। ଏଥିରେ ବରିଷ୍ଠ ରାଜନେତା ଡା. ଦାମୋଦର ରାଉତ ଯୋଗଦେଇ ଜିଲାର କର୍ମନିଯୁକ୍ତି ସମସ୍ୟା ଉପରେ ଆଲୋକପାତ କରିଥିଲେ। ପ୍ରତି ଜବକାର୍ଡଧାରୀଙ୍କ ପାଇଁ ପ୍ରତ୍ୟେକ ବର୍ଷ ୧୦ ହଜାର ଟଙ୍କା ଲେଖାଏଁ ବ୍ୟୟ ବରାଦ ହେଉଥିଲେ ମଧ୍ୟ ଏହା କାର୍ଯ୍ୟକାରୀ ନହେବା ଦୁର୍ଭାଗ୍ୟଜନକ। ଗ୍ରାମ ନିକଟରେ କର୍ମନିଯୁକ୍ତି ସୁଯୋଗ ମିଳିଲେ ବାହାରକୁ ଯାଇ ଖଟିବା ଆବଶ୍ୟକ ନାହିଁ ବୋଲି ଦାସ କହିଛନ୍ତି। ଶ୍ରମିକଙ୍କ ପାଇଁ ଉଦ୍ଦିଷ୍ଟ ଉକ୍ତ ଯୋଜନାର ଅଗ୍ରଗତି ସମ୍ପର୍କରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ଅଧିକାରୀ ପ୍ରଦୀପ କୁମାର ପରିଡ଼ା କହିଛନ୍ତି, ଚଳିତ ବର୍ଷ ଏହି ଯୋଜନାକୁ ତ୍ୱରାନ୍ୱିତ କରାଯିବା ପାଇଁ ସମସ୍ତ ଉଦ୍ୟମ ଜାରି ରହିଛି।

ସୂଚନାଯୋଗ୍ୟ, ଏହି ଯୋଜନାରେ ଅଙ୍ଗନୱାଡି କେନ୍ଦ୍ର, ଗ୍ରାମାଞ୍ଚଳ ଅନ୍ୟାନ୍ୟ ଭିତ୍ତିଭୂମି, ବନ୍ୟା ନିରାକରଣ, ଜଳ ସଂରକ୍ଷଣ, ପୁରୁଣା ଜଳ ଭଣ୍ଡାରର ଉନ୍ନତି, ରାସ୍ତା ସଂଯୋଗ, ଉପକୂଳ ଅଞ୍ଚଳର ଉନ୍ନତୀକରଣ, ମରୁଡ଼ି ପ୍ରପୀଡ଼ିତ ଅଞ୍ଚଳର ଉନ୍ନତୀକରଣ, ମତ୍ସ୍ୟଚାଷ, ଶସ୍ୟ କ୍ଷେତ୍ର ଉନ୍ନତୀକରଣ, ଭୂମି ଉନ୍ନତୀକରଣ, ପାନୀୟଜଳ, ପରିମଳ ଭଳି ବିଭିନ୍ନ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟ ନିର୍ମାଣାଧୀନ ରହିଛି।

■ ତରାସ ପଞ୍ଚାୟତରେ ବଢୁଛି ବିଦ୍ରୋହ

# ଗାଁରେ ପାନୀୟଜଳ ପାଇପ ବିଛା ନ ଯିବାରୁ ବିରୋଧ

**ମହିଳାଙ୍କ ପଞ୍ଚାୟତ ଅଫିସ ଘେରାଉ**

ରାଜକନିକା,୧୩।୩(ଡି.ଏନ୍.ଏ)

ସ୍ୱଜଳଧାରା ଯୋଜନାରେ ପାନୀୟ ଜଳ ପକଳ୍ପ ପାଇଁ ରାଜନଗର ବ୍ଲକ ଅନ୍ତର୍ଗତ ତରାସ ପଞ୍ଚାୟତରେ ୨ ଥର ପାଇପ ବିଛା ଯାଇଥିଲେ ମଧ୍ୟ ବୁରୁଡିଆକୁ ଗାଁକୁ ଏଥିରୁ ବଞ୍ଚିତ କରାଯାଉଛି। ବ୍ଲକ ପ୍ରଶାସନର ଏଭିଳି ପାତରଅନ୍ତର ନୀତି ପ୍ରତିବାଦରେ ଗାଁର ବହୁ ମହିଳା ପଞ୍ଚାୟତ ଅଫିସ ସମ୍ମୁଖରେ ମଙ୍ଗଳବାର ଧାରଣା ଦେଇଥିଲେ। ଗ୍ରାମରେ ତୁରନ୍ତ ପାଇପ ବିଛାଇବାକୁ ସେମାନେ ଦାବି କରିଥିଲେ। ଖବରପାଇ ସରପଞ୍ଚ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ ମଧ୍ୟ ସନ୍ଧ୍ୟା ପର୍ଯ୍ୟନ୍ତ କୌଣସି ସମାଧାନ ହୋଇପାରି ନଥିଲା। ପୂର୍ବରୁ ସ୍ୱଜଳଧାରା ଯୋଜନାର ପାଇପପାଣି ଯୋଗାଇବାକୁ ଏହି ପଞ୍ଚାୟତ ଅନ୍ତର୍ଗତ ଗୁଆଳିଗାଁରେ ଏକ ପାନୀୟଜଳ ପ୍ରକଳ୍ପ କରାଯାଇ ନିକଟସ୍ଥ ଗାଁକୁ ପାଇପ ପାଣି ଯୋଗାଣ ହୋଇଥିଲା। ମାତ୍ର ବୁରୁଡିଆ ଗାଁକୁ ଏଥିରୁ ବାଦ ରଖାଯାଇଥିଲା। ଆବଶ୍ୟକତାକୁ ଦୃଷ୍ଟିରେ ରଖି ପୁନର୍ବାର ଏହି ପଞ୍ଚାୟତରେ ଆଉ ଏକ ପାନୀୟଜଳ ପ୍ରକଳ୍ପ ପାଇଁ ପାଇପବିଛା କାମ ଚାଲିଛି। ଏଥିରୁ ମଧ୍ୟ ବୁରୁଡିଆ ଗାଁକୁ ବାଦ ଦିଆଯାଇଛି। ଏହାର ପ୍ରତିବାଦରେ ପୂର୍ବାହ୍ନ ୧୦ଟାରୁ ଗାଁର ମହିଳାମାନେ ପଞ୍ଚାୟତ ଅଫିସ ଘେରାଉ କରିଥିଲେ।

ସୂଚନାଯୋଗ୍ୟ, ତରାସ ପଞ୍ଚାୟତରେ କିଛିଦିନ ହେବ ବିଦ୍ରୋହ ବୃଦ୍ଧି ପାଇବାରେ ଲାଗିଛି। ଗତ ରବିବାର ମୁଖ୍ୟମନ୍ତ୍ରୀଙ୍କ କେନ୍ଦ୍ରାପଡା ସଭାକୁ ଯାଇ ନ ପାରି ଅପମାନିତ ହୋଇଥିବା ଶତାଧିକ ମହିଳା ସରପଞ୍ଚ ଏବଂ ଅଙ୍ଗନୱାଡି କର୍ମୀଙ୍କୁ ଦାୟୀ କରି ଦୁଇଦିନ ହେଲା ପଞ୍ଚାୟତ ଅଫିସ୍ ଏବଂ ଅଙ୍ଗନବାଡି କେନ୍ଦ୍ରରେ ତାଲା ପକାଇ ଦେଇଛନ୍ତି। ସେହିପରି ଗତ ମାସରେ ଏହି ପଞ୍ଚାୟତର ଗୁଆଳିଗାଁରେ ଆବାସ ଯୋଜନା, ପୋଖରୀ ଖୋଳା, କ୍ଲବ ଘର ନିର୍ମାଣ, ପୋଖରୀତୁଠ ନିର୍ମାଣ, ଖେଳପଡିଆ ଆଦି ବିଭିନ୍ନ ସରକାରୀ ଯୋଜନାର ୪୦ ଲକ୍ଷଟଙ୍କା ହଡପ ହେବା ଅଭିଯୋଗରେ ଆନ୍ଦୋଳନ ହୋଇଥିଲା। ପରେ କେନ୍ଦ୍ରାପଡା ଜିଲାପାଳ ଏହାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

# ଦୁଇ ଟ୍ରକ୍ ମୁହାଁମୁହିଁ, ହେଲ୍‌ପର ମୃତ

ଡେରାବିଶ, ୧୩।୩ (ସ୍ୱ.ପ୍ର.)

ଡେରାବିଶ ଥାନା ଅଧୀନ ୫ ନଂ.(କ) ଜତୀୟ ରାଜପଥର ପଞ୍ଚୁପାଣ୍ଡବ ଛକ ନିକଟରେ ମଙ୍ଗଳବାର ରାତିରେ ଦୁଇ ଟ୍ରକ ମଧ୍ୟରେ ଦୁର୍ଘଟଣା ଘଟିଛି। ଏଥିରେ ଗୋଟିଏ ଟ୍ରକର ହେଲପରଙ୍କର ମୃତ୍ୟୁ ହୋଇଥିବା ଦୁର୍ଘଟଣା ଘଟାଇଥିବା ଟ୍ରକ ଡ୍ରାଇଭର ଆହତ ଅବସ୍ଥାରେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଏଥିସହ ମୃତ ହେଲପରଙ୍କ ଗାଡିର ଡ୍ରାଇଭର ମଧ୍ୟ ଗୁରୁତର ହୋଇଛନ୍ତି। ମୃତକ ଜଣକ ହେଲେ ପୁରୀ ଜିଲା ଗୋପ ଥାନା ଅଧୀନ ନୋରଡା ଗ୍ରାମର ଭରତ ବେହେରାଙ୍କ ପୁଅ ଗଣେଶ (୨୨)।

ପ୍ରକାଶ ଯେ, ପଞ୍ଚୁପାଣ୍ଡବ ଛକ ନିକଟରେ ଲୁହା ପଥର ବୋଝେଇ ୧୦ ଚକିଆ ଟ୍ରକକୁ ରାସ୍ତା କଡ଼ରେ ରଖି ଡ୍ରାଇଭର ଘସିପୁରା ଅଞ୍ଚଳର ବସନ୍ତ ପାତ୍ର ଓ ହେଲପର ଗଣେଶ କେବିନ ଭିତରେ ଶୋଇଥିଲେ। ଚଣ୍ଡିଖୋଲରୁ ପାରାଦୀପ ଯାଉଥିବା ଅନ୍ୟ ଏକ ଲୁହା ବୋଝେଇ ୧୪ ଚକିଆ ଟ୍ରକ ଦ୍ରୁତ ବେଗରେ ଆସି ଛିଡ଼ା ହୋଇଥିବା ଟ୍ରକକୁ ଧକ୍କା ଦେଇଥିଲା। ଫଳରେ ଛିଡ଼ା ହୋଇଥିବା ଟ୍ରକଟି ରାସ୍ତା କଡ଼କୁ ଓଲଟି ପଡ଼ିଥିବା ବେଳେ ରକ୍ତାକ୍ତ ଅବସ୍ଥାରେ ଡ୍ରାଇଭର ଗାଡିରୁ ବାହାରି ଯାଇଥିଲେ। ମାତ୍ର ହେଲପର ଗାଡି ଭିତରେ ଚାପି ହୋଇରହିଯାଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି କେନ୍ଦ୍ରାପଡ଼ା ଜିଲା। ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଡାକ୍ତର ଗଣେଶଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୋଲିସ ଘଟଣାସ୍ଥଳରୁ ଦୁର୍ଘଟଣାଗ୍ରସ୍ତ ଗାଡିଦ୍ୱୟକୁ ଜବତ କରିବା ସହ ଏ ନେଇ ୨୪/୧୯ ନଂ.ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

■ ମଣିକୁଣ୍ଡା ପାନୀୟ ଜଳ ପ୍ରକଳ୍ପ ନାଁରେ ଏନ୍‌ଜିଟିରେ ମାମଲା ଘଟଣା

# କାର୍ଯ୍ୟ ବନ୍ଦ ସହ ତଦନ୍ତ ରିପୋର୍ଟ ଦେଲା ଜିଲା ପ୍ରଶାସନ

କେନ୍ଦ୍ରାପଡା ଅଫିସ, ୧୩।୩



ମଣିକୁଣ୍ଡାଠାରେ ନିର୍ମାଣାଧୀନ ପାନୀୟଜଳ ପ୍ରକଳ୍ପ।

ମାର୍ଶାଘାଇ ବ୍ଲକ ମଣିକୁଣ୍ଡାଠାରେ ଆରମ୍ଭ ହୋଇଥିବା ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣକୁ ଜିଲା ପ୍ରଶାସନ ବନ୍ଦ ରଖିଛି। ଏଥିସହ ଜିଲା ପ୍ରଶାସନ ତଦନ୍ତ କରି ଏହାର ରିପୋର୍ଟ ନ୍ୟାସ୍‌ନାଲ ଗ୍ରୀନ ଟ୍ରିବ୍ୟୁନାଲ(ଏନ୍‌ଜିଟି)କୁ ବୁଧବାର ପଠାଇଛି। ରାଜ୍ୟ ସରକାରଙ୍କ ବସୁଧା ଯୋଜନାରେ ଗତ ଡିସେମ୍ବର ୮ ତାରିଖରେ ମହାକାଳପଡ଼ା ବ୍ଲକ ଅଞ୍ଚଳର ଲୁଣାଞ୍ଚଳ ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ମେଗା ପାନୀୟ ଜଳ ପ୍ରକଳ୍ପ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ତେବେ ଏହି ପ୍ରକଳ୍ପର କେତେକ ଅଂଶ ଗ୍ରାମ୍ୟ ଜଙ୍ଗଲ ଜମିକୁ ନଷ୍ଟ କରୁଥିବା ସ୍ଥାନୀୟ ଅଞ୍ଚଳର ଆଳୟ ସାମନ୍ତରାୟ ଓ ସମ୍ପଦ ସ୍ୱାଇଁ ଏନ୍‌ଜିଟିରେ ଅଭିଯୋଗ କରିଥିଲେ। ଫଳରେ ଏହାର ପ୍ରଶାସନିକ ତଦନ୍ତ ପାଇଁ ଗତ ଫେବୃୟାରୀ ୧୮ ତାରିଖରେ ଏନ୍‌ଜିଟି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ଗତ ୭ ତାରିଖରେ କଟକ ଡିଏଫ୍‌ଓଙ୍କ ସମେତ ଜିଲାପାଳ ଦାଶରଥି ଶତପଥୀ ଏହାର ତଦନ୍ତ କରିଥିଲେ। ଏ ସମ୍ପର୍କରେ ଜିଲାପାଳ ଶତପଥୀ କୁହନ୍ତି, ମଣିକୁଣ୍ଡାଠାରେ ଥିବା ୧୫.୪୩ ଏକର ଗ୍ରାମ୍ୟ ଜଙ୍ଗଲ ଜମି ଉପରେ ଏହି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଚାଲିଥିବା ଏନ୍‌ଜିଟିରେ ଅଭିଯୋଗ ହୋଇଥିଲା। ତେବେ ପ୍ରାୟ ୫ ଏକର ଜଙ୍ଗଲ ଜମିରେ ଏହି ନିର୍ମାଣ ଚାଲିଥିବା ଜଣାପଡ଼ିବା ପରେ ଏହାକୁ ବନ୍ଦ କରିଦିଆଯାଇଛି। ସୂଚନାଯୋଗ୍ୟ, ୨୪୧ କୋଟି ଟଙ୍କାର ଏହି ପ୍ରକଳ୍ପ ଚାଲୁ ହେଲେ ମହାକାଳପଡା ଓ ମାର୍ଶାଘାଇ ବ୍ଲକ ଅଞ୍ଚଳର ୨୦୦ ଗ୍ରାମକୁ ପାଇପ୍ ପାଣି ଯୋଗାଇ ହେବ ବୋଲି ଆକଳନ କରାଯାଇଛି।

# ଘରବାଡ଼ି ଜାଗା ପ୍ରଦାନ ଦାବିରେ ବିକ୍ଷୋଭ



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଝୋପଡ଼ପଟ୍ଟି ମହାସଂଘର ସଦସ୍ୟାମାନେ।

କେନ୍ଦ୍ରାପଡା ଅଫିସ, ୧୩।୩

ଘରବାଡ଼ି ଜାଗା ପ୍ରଦାନ ଦାବିରେ ଅଖିଳ ଓଡ଼ିଶା ଝୋପଡ଼ପଟ୍ଟି ମହାସଂଘ କେନ୍ଦ୍ରାପଡ଼ା ଜିଲା ଶାଖା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିସହ ଏ ନେଇ ଏଡିଏମ୍ ବସନ୍ତ କୁମାର ରାଉତଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏ ସମ୍ପର୍କରେ ମହାସଂଘ ରାଜ୍ୟ ସଭାପତି କୁହନ୍ତି, ସହରର ବିଭିନ୍ନ ସ୍ଥାନରେ ସାମାଜିକ ଅବହେଳିତ ଓ ଦଳିତ ସମ୍ପ୍ରଦାୟର ଲୋକ ବସବାସ କରୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଜାଗା ଯୋଜନାରେ ଏମାନଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ବହୁବାର ଦୃଷ୍ଟି ଆକର୍ଷଣ କରାଯାଇଛି। ସହରର ଭ୍ରମରଦିଆ ପାଟଣା ଓ ଚଉରୀ ବରହମପୁରବାସୀଙ୍କୁ ଅଦ୍ୟାବଧି ଏଥିରେ ସାମିଲ କରାଯାଇନାହିଁ। ଜାଗା ଯୋଜନାରେ ବସ୍ତିବାସିନ୍ଦାଙ୍କୁ ସାମିଲ କରା ନ ଗଲେ ଏହି ଆନ୍ଦୋଳନ ଆଗକୁ ତୀବ୍ର ହେବ ବୋଲି ସେ ପ୍ରକାଶ କରିଛନ୍ତି। ଏହି ବିକ୍ଷୋଭରେ ୫୦ରୁ ଊର୍ଦ୍ଧ୍ୱ ମହିଳା ସାମିଲ ହୋଇଥିଲେ।

### ମିଛ ଖବର ପ୍ରସାରଣ ଅଭିଯୋଗ, ୨ ଅଟକ

କେନ୍ଦ୍ରାପଡା ଅଫିସ, ୧୩।୩

ମିଛ ଖବର ପ୍ରସାରଣ ପାଇଁ ଏକ ୱେବ ପୋର୍ଟାଲ ମାଲିକ ଓ ଖବରଦାତାଙ୍କୁ ବୁଧବାର ନିକିରାଇ ପୋଲିସ ଥାନାରେ ୪ ଘଣ୍ଟା ଅଟକ ରଖିଥିଲା। ପରେ ସେମାନେ ଏପରି ମିଛ ଖବର ପୁନର୍ବାର ପ୍ରସାରଣ ନ କରିବା ପାଇଁ ଉଲ୍ଲେଖ କରି ଦେବା ସହ ପିଆର ବଣ୍ଡରେ ଦସ୍ତଖତ କରିବା ପରେ ପୋଲିସ ସେମାନଙ୍କୁ ଛାଡି ଦେଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ, ରବିବାର ମିଶନ ଶକ୍ତି ମହିଳା ସମାବେଶ ସ୍ଥଳରେ ଜୈନିକା ଯୁବତୀ ଗୁରୁତର ହୋଇଥିଲେ। ସମାବେଶସ୍ଥଳରୁ ତାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ତେବେ ଏହି ୱେବ ପୋର୍ଟାଲରେ ସମ୍ପୃକ୍ତା ଯୁବତୀଙ୍କର ମୃତ୍ୟୁ ହୋଇଥିବା ଖବର ପ୍ରସାର କରାଯାଇଥିଲା। ଯାହା ଜିଲା ପ୍ରଶାସନ ପାଇଁ ସମସ୍ୟା ସୃଷ୍ଟି କରିଥିଲା। ଏସପିଙ୍କ ନିର୍ଦ୍ଦେଶରେ ନିକରାଇ ପୋଲିସ ୱେବ ପୋର୍ଟାଲ ମାଲିକ ଓ ଖବରଦାତାଙ୍କୁ ବୁଧବାର ଧରି ଆଣି ଉକ୍ତ ଖବରର ସତ୍ୟତା ପ୍ରମାଣ ମାଗିଥିଲା।

# ଅରଗଳ ଶାସନରେ ହରଗୌରୀ ପୂଜା



ମଣ୍ଡପରେ ହରଗୌରୀଙ୍କ ମୃଣ୍ମୟ ମୂର୍ତ୍ତି।

ରାଜକନିକା, ୧୩।୩ (ଡି.ଏନ୍.ଏ.)

ରାଜକନିକା ବ୍ଲକ ଅରଗଳଶାସନ ଗ୍ରାମବାସୀଙ୍କ ପକ୍ଷରୁ ଅନୁଷ୍ଠିତ ହରଗୌରୀ ପୂଜା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ୭ ଦିନ ବ୍ୟାପୀ ଭାଗବତ ପାରାୟଣ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକ ସନ୍ଧ୍ୟାରେ ଭଜନ କୀର୍ତ୍ତନର ଆୟୋଜନ କରାଯାଇଥିଲା। ପୂଜକ ସୁନାକର ପଣ୍ଡା ଓ ଗୋପୀନାଥ ପଣ୍ଡା ପୂଜାର୍ଚ୍ଚନା କରିଥିଲେ। ଏହି ଉପଲକ୍ଷେ ତ୍ରିନାଥ ଗଣନାଟ୍ୟ ପକ୍ଷରୁ ଯାତ୍ରା ପରିବେଷଣ କରାଯାଇଥିଲା। ପ୍ରତ୍ୟେକ ଦିନ ଏଠାରେ ଶତାଧିକ ଲୋକଙ୍କ ସମାଗମ ହୋଇଥିଲା।

# ଖରାଦିନ ଆରମ୍ଭରୁ ପାନୀୟ ଜଳ ସଙ୍କଟ

ଆଳି, ୧୩।୩ (ଡି.ଏନ୍.ଏ.)

- ନୂଆବଜାରରେ ପାନୀୟ ଜଳର ଘୋର ଅଭାବ
- ବଢୁଛି ବେନାମୀ ପାଣି ପାଉଚ ବିକ୍ରି
- କ୍ରାଇମବ୍ରାଞ୍ଚ ତଦନ୍ତ ସୁପାରିସ

ଖରାଦିନ ଆରମ୍ଭରୁ ଆଳି ବ୍ଲକ ଅଞ୍ଚଳରେ ପାନୀୟ ଜଳ ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ବର୍ଷସାରା ଲୋକମାନେ ପାନୀୟ ଜଳ ପାଇଁ ଅସୁବିଧା ଭୋଗୁଥିବା ବେଳେ ଖରାଦିନେ ଏହି ସମସ୍ୟା ଦ୍ୱିଗୁଣିତ ହେଉଛି। ଆଳି ଅଞ୍ଚଳର ପ୍ରମୁଖ ବ୍ୟବସାୟ ପେଣ୍ଠସ୍ଥଳ ନୂଆବଜାରରେ ପାନୀୟ ଜଳର ସୁବିଧା ନ ଥିବାରୁ ଲୋକମାନେ ନାନା ଅସୁବିଧା ଭୋଗୁଛନ୍ତି। ଏହି ବଜାରରେ ଶୌଚାଳୟ, ଯାତ୍ରୀ ବିଶାମାଗାର ନ ଥିବା ବେଳେ ପାନୀୟ ଜଳର ସମସ୍ୟା ଯୋଗୁ ବଜାରର ବ୍ୟବସାୟୀ ଓ ଏଠାକୁ ବିଭିନ୍ନ କାର୍ଯ୍ୟରେ ଅସୁଥିବା ଲୋକମାନେ ହଇରାଣ ହେଉଛନ୍ତି। ପିଇବା ପାଣିର ଅସୁବିଧା ଥିବା ବେଳେ ଦୋକାନୀମାନେ ବେନାମୀ ପାଉଚ ପାଣି ପ୍ୟାକେଟ ବିକ୍ରି କରୁଛନ୍ତି। ଆଳି ବ୍ଲକ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ, ମେଡିକାଲ, ଥାନା, ତଟବନ୍ଧ ବିଭାଗ ନିର୍ବାହୀଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଭାରତୀୟ ଷ୍ଟେଟବ୍ୟାଙ୍କ ଓ ଆଳି ଉପଡାକଘର ଆଦିକୁ ବିଭିନ୍ନ କାର୍ଯ୍ୟରେ ଦୈନିକ ଶତାଧିକ ଲୋକ ଆସୁଥିବା ବେଳେ ପାଣି ପାଇ ହଇରାଣ ହେଉଛନ୍ତି। ଖରାଦିନ ଆରମ୍ଭରୁ ହିଁ ପ୍ରବଳ ଖରା ଅନୁଭୂତ ହେଉଥିବାରୁ ଲୋକମାନେ ସେହି ପାଉଚ ପାଣି କିଣି ପିଉଥିବା ଦେଖାଯାଉଛି। ଏହି ପାଉଚ ପ୍ୟାକେଟ ଉପରେ କମ୍ପାନୀ ନାଁ କି ଏକ୍ସପାଏରୀ ଡେଟ୍ ମଧ୍ୟ ଲେଖା ରହୁନି। ଏହାକୁ ପିଇବା ଦ୍ୱାରା ଲୋକମାନେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବାର ଆଶଙ୍କା ରହିଛି। ତେବେ ଆଗାମୀ ଦିନରେ ଲୋକଙ୍କୁ ଖରା ଦାଉରୁ ରକ୍ଷା କରିବା ନିମନ୍ତେ ଆଳି ନୂଆବଜାରଠାରେ ଏକ ବିଶ୍ରାମାଗାର, ଶୌଚାଳୟ ସମେତ ପାନୀୟ ଜଳର ସୁବିଧା କରିବାକୁ ବ୍ୟବସାୟୀ ଓ ସାଧାରଣ ଲୋକେ ଦାବି କରିଛନ୍ତି।


**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ମଧୁପାଟଣା, କଟକ
**ଡିମାଣ୍ଡ ନୋଟିସ୍**

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନ୍ତର୍ଗତ ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍

ଏତଦ୍‌ଦ୍ୱାରା ଋଣଗ୍ରହୀତା: **ଶ୍ରୀ ମନୋରଞ୍ଜନ ମହାପାତ୍ର**ଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ସେ ବ୍ୟାଙ୍କରୁ ନେଇଥିବା ଋଣର ବକେୟା ମୂଳ ଏବଂ ସୁଧ ପରିଶୋଧ କରିବାରେ ବିଫଳ ହୋଇଥିବାରୁ ତାଙ୍କର ଋଣକୁ ଅଣ କାର୍ଯ୍ୟକାରୀ ସମ୍ପତ୍ତି (ଏନ୍‌ପିଏ) ଶ୍ରେଣୀଭୁକ୍ତ କରାଯାଇଛି। ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତାଙ୍କୁ ତାଙ୍କର ଶେଷ ଜ୍ଞାତ ଠିକଣାରେ ରେଜେଷ୍ଟ୍ରି ଡାକ ସହିତ ଏ/ଡି ଯୋଗେ ନୋଟିସ୍ ଜାରି କରାଯାଇଥିଲା ଯାହାକି ପ୍ରଦାନ କରାଯାଇନପାରି ଫେରସ୍ତ ଆସିଅଛି, ତେଣୁ ଏହି କାରଣରୁ ଉକ୍ତ ବିଷୟରେ ଏହି ସର୍ବସାଧାରଣ ନୋଟିସ୍ ମାଧ୍ୟମରେ ଋଣଗ୍ରହୀତାଙ୍କୁ ଅବଗତ କରାଗଲା।

| ଆଠଗଡ଼ ଶାଖା / ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା / ଆକାଉଣ୍ଟ ନଂ. | ସମ୍ପତ୍ତିର ବିବରଣୀ / କାର୍ଯ୍ୟାନୁଷ୍ଠାନ ନିଆଯିବାକୁଥିବା ସୁରକ୍ଷିତ ସମ୍ପତ୍ତିର ଠିକଣା | ଡିମାଣ୍ଡ ନୋଟିସ୍ ତାରିଖ | ଏନ୍‌ପିଏ ତାରିଖ | ବକେୟା ଦେୟ |
|---|---|---|---|---|
| ଋଣଗ୍ରହୀତା: ଶ୍ରୀ ମନୋରଞ୍ଜନ ମହାପାତ୍ର, ପିତା: ନିତ୍ୟାନନ୍ଦ ମହାପାତ୍ର, ସା: ବଡ଼ଭୁଇଁଦଳ, ପୋ: ବଡ଼ଭୁଇଁ, ଥାନା: ଆଠଗଡ଼, ଜିଲ୍ଲା: କଟକ / ଆକାଉଣ୍ଟ ନଂ.: ୩୨୧୨୨୯୨୯୭୦୮ ଏବଂ ୩୨୮୩୮୭୦୦୪୫୭ | ଶ୍ରୀ ମନୋରଞ୍ଜନ ମହାପାତ୍ରଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ବଡ଼ଭୁଇଁଦଳ, ଥାନା/ତହସିଲ: ଆଠଗଡ଼, ଜିଲ୍ଲା: କଟକ, ଖାତା ନଂ.: ୨୯୦/୩୪୫, ପ୍ଲଟ୍ ନଂ.: ୧୮୩୩, କ୍ଷେତ୍ର: ଏକର୦.୨୭ଡିସିମିଲି, ଏହାର ଚାରିପାର୍ଶ୍ୱରେ- ପୂର୍ବ: ଦିଗମ୍ବର ଦାସ, ପଶ୍ଚିମ: ରାହାସ ନରେନ୍ଦ୍ର, ଉତ୍ତର: ରାହାସ ନରେନ୍ଦ୍ର, ଦକ୍ଷିଣ: ରାସ୍ତା | ୦୧.୦୩.୨୦୧୯ | ୩୦.୦୪.୨୦୧୪ | ୧୬.୧୦.୨୦୧୮ ସୁଦ୍ଧା ଟ.୩୪,୭୧,୫୫୧.୫୭ |

ନୋଟିସ୍‌ର ବିକଳ୍ପ ସେବା ଭାବେ ପଦକ୍ଷେପମାନ ଗ୍ରହଣ କରାଯାଉଛି। ଉପରୋକ୍ତ ଋଣଗ୍ରହୀତାଙ୍କୁ ଜଣାଇଦିଆଯାଉଛି କି ସେ ଏହି ନୋଟିସ୍ ପ୍ରକାଶନର **୬୦ ଦିନ** ମଧ୍ୟରେ ତାଙ୍କର ସମସ୍ତ ବକେୟା ଦେୟ ପରିଶୋଧ କରନ୍ତୁ ଅନ୍ୟଥା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନ୍ତର୍ଗତ ଧାରା ୧୩ର ଉପଧାରା (୪) ଅନୁସାରେ ଉକ୍ତ ନୋଟିସ୍‌ର **୬୦ ଦିନ** ଅତିକ୍ରାନ୍ତ ପରେ ବ୍ୟାଙ୍କ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବ। ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କୁ ଜଣାଇଦିଆଯାଉଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା ୧୩ ଅନୁଯାୟୀ ବ୍ୟାଙ୍କର ଲିଖିତ ଅନୁମତି ବିନା ଏହି ନୋଟିସ୍‌ରେ ଦର୍ଶିତ ବନ୍ଧକ ସମ୍ପତ୍ତିକୁ ବିକ୍ରି, ଲିଜ୍ କିମ୍ବା ଅନ୍ୟମାଧ୍ୟମ ଦ୍ୱାରା ସେ ହସ୍ତାନ୍ତରିତ କରିପାରିବେ ନାହିଁ। ଏହି ନୋଟିସ୍‌ଟି ବ୍ୟାଙ୍କ ଦ୍ୱାରା କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଯାହା ଆଇନ ଅନୁସାରେ ପ୍ରଯୁଜ୍ୟ ବୋଲି ମନେହେବ ତାହା ଆରମ୍ଭ କରିବାର ଅଧିକାରକୁ କୌଣସି ପ୍ରକାର ପ୍ରତିହତ କରିବ ନାହିଁ। ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।

ତାରିଖ : ୧୩.୦୩.୨୦୧୯, ସ୍ଥାନ : କଟକ — କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

## ସଂକ୍ଷେପରେ

### ଡାକଘରେ ମିଳୁନି ମୌଳିକ ସେବା

**ବିରିଡି, ୧୩।୩(ଡି.ଏନ୍.ଏ):** ଜନସାଧାରଣଙ୍କୁ ମୌଳିକ ସୁବିଧା ଯୋଗାଇ ଦେବା ପାଇଁ ବିରିଡ଼ି ବ୍ଲକ ଅଣଖିଆଠାରେ ଏକ ଉପଡାକଘର ପ୍ରତିଷ୍ଠା କରାଯାଇଛି। ଏହା ଅଧୀନରେ ୭ଟି ଶାଖା ଡାକଘର ରହିଛି। ସେଗୁଡିକ ହେଲା ବାଗଲପୁର, ଚାଷୀଖଣ୍ଡ, ପୁରଣ, ବାରଡିଆ, ଅଢଙ୍ଗଗଡ, ରମ୍ଭାଦେଇପୁର ଓ ତରିକୁନ୍ଦା। ଅନ୍ୟପକ୍ଷରେ ୩ଟି ମହାବିଦ୍ୟାଳୟ, ବ୍ଲକ, ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ, ୪ଟି ବ୍ୟାଙ୍କ, ୧୧ଟି ହାଇସ୍କୁଲ, ୨ଟି ମେଡିକାଲ ସହିତ ପ୍ରାୟ ୮ ହଜାର ଲୋକଙ୍କର ବିଭିନ୍ନ ଆକାଉଣ୍ଟ ଏଠାରେ ଖୋଲାଯାଇଛି। ଏଠାରେ ୩୨ ସେବା ଉପଲବ୍ଧ ସହିତ ଆଧାର ସଂଶୋଧନ ଓ ପଞ୍ଜୀକରଣ ଆଦି କରାଯିବାର ବ୍ୟବସ୍ଥା କରାଯାଇଛି। ବାସ୍ତବରେ କେବଳ ଡାକ ବିଭାଗ ସେବା ମିଳୁଥିବାବେଳେ ଅନ୍ୟ କୌଣସି ସେବା ମିଳିପାରୁନାହିଁ। ଫଳରେ ସାଧାରଣ ଲୋକେ ଏହି ଡାକ ଘରକୁ ଦୌଡି ଦୌଡି ନୟାନ୍ତ ହେଉଛନ୍ତି। ଏଠାରେ ପୋଷ୍ଟମାଷ୍ଟରଭାବେ ମ୍ୟାକ୍ସିମସ୍ ଲାକ୍ରା ରହିଥିବାବେଳେ ଜଣେ ପୋଷ୍ଟାଲ ଆସିଷ୍ଟାଣ୍ଟ ରହିଛନ୍ତି। ଗତ ଅଗଷ୍ଟରୁ ପୋଷ୍ଟମ୍ୟାନ ପଦବୀ ଖାଲି ପଡିଛି। ଫଳରେ ଉପରୋକ୍ତ ସେବା ମିଳିବାରେ ବାଧକ ସାଜିଛି। ଆଧାର ସଂଶୋଧନ ଓ ପଞ୍ଜୀକରଣ କରିବା ପାଇଁ ବର୍ଷେ ହେଲା ସମସ୍ତ ଯନ୍ତ୍ରପାତି ଯୋଗାଇ ଦିଆଯାଇଥିବାବେଳେ ତାହା କାର୍ଯ୍ୟକାରୀ ହେଉନାହିଁ। ଉପରୋକ୍ତ ସେବା ପାଇଁ ଲୋକେ ଦୈନିକ ହତାଶ ହୋଇ ଫେରୁଛନ୍ତି। ଏ ସମ୍ପର୍କରେ ପୋଷ୍ଟମାଷ୍ଟର ଲାକ୍ରାଙ୍କୁ ପଚାରିବାରୁ ସେ କହିଛନ୍ତି, ଦୁଇଟି ପୋଷ୍ଟାଲ ଅସିଷ୍ଟାଣ୍ଟ ପଦବୀ ଖାଲି ପଡିଛି। ଯାହାଫଳରେ ଉକ୍ତ କାମଗୁଡିକ କରାଯାଇ ପାରୁନାହିଁ। ପଦବୀ ପୂରଣ ହେଲା ପରେ ସମସ୍ତ ସେବା ପ୍ରଦାନ କରାଯିବ।

### ଅଷ୍ଟମ ପ୍ରହର ନାମଯଜ୍ଞ

**ବାଲିକୁଦା, ୧୩।୩(ସ୍ୱ.ପ୍ର.):** ବାଲିକୁଦା ବ୍ଲକ କୃଷ୍ଣଦାସପୁର ପଞ୍ଚାୟତ ଖାଙ୍କରପୁର ଗାଁର ଅଧିଷ୍ଠାତ୍ରୀ ଦେବୀ ମା’ ବୁଢୀ ଜାଗୁଲାଇଙ୍କ ପୀଠରେ ତୟୋଦଶତମ ବାର୍ଷିକ ଅଷ୍ଟମ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଖପଖ ଗ୍ରାମର ଶହଶହ ଶ୍ରଦ୍ଧାଳୁ ଯୋଗଦେଇ ପ୍ରଭୁକୃପା ଲାଭ କରିଥିଲେ। ସୁବାସ ଚନ୍ଦ୍ର ନନ୍ଦ, ରାଧୁ ଜେନା, ରବୀନ୍ଦ୍ର ଦାସ, ଅଜିତ୍ ଦସ, ସୋମନାଥ ମହାରଣା, ପ୍ରତ୍ୟୁଷ ଦସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ। ପୂଜକ ଭାବେ ପଣ୍ଡିତ ବଳରାମ ନନ୍ଦ ଦାୟିତ୍ୱ ବହନ କରିଥିଲେ। ୮ଟି ସଙ୍କୀର୍ତ୍ତନ ମଣ୍ଡଳୀ ଯୋଗଦେଇ ହରିନାମ ସଂକୀର୍ତ୍ତନ କରିଥିଲେ। କର୍ତ୍ତାଭାବେ ରମେଶ ଚନ୍ଦ୍ର ଦାସ ଦାୟିତ୍ୱ ସମ୍ପାଦନ କରିଥିଲେ।

### ବିଦାୟକାଳୀନ ସମ୍ବର୍ଦ୍ଧନା

**କୁଜଙ୍ଗ, ୧୩।୩(ସ୍ୱ.ପ୍ର.):** କୁଜଙ୍ଗ ବ୍ଲକ ଗରେଇସ୍ଥିତ ଗ୍ରାମ ପଞ୍ଚାୟତ ହାଇସ୍କୁଲର ସେବା ନିବୃତ୍ତ କିରାଣି ବିଜୟ ଦାସଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପ୍ରଧାନଶିକ୍ଷକ ନିତ୍ୟାନନ୍ଦ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିରୂପେ ପ୍ରାକ୍ତନ ପ୍ରଧାନଶିକ୍ଷକ ହୃଷୀକେଶ ଆଚାର୍ଯ୍ୟ ଯୋଗ ଦେଇଥିଲେ। ଉଲ୍ଲାସ ଚନ୍ଦ୍ର ପଲଟାସିଂହ, ବସନ୍ତ ସ୍ୱାଇଁ, ନିମାଇଁ ମଲିକ୍ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

■ ବିନା ସିଓଆର୍‌ରେ କାର୍ଯ୍ୟକ୍ଷମ ଥିବାରୁ କାରଣ ଦର୍ଶାଅ ନୋଟିସ

# ଜାଭିୟର୍ସ ହାଇସ୍କୁଲ ଦେବ ଲକ୍ଷେ ଟଙ୍କା ଜରିମାନା

■ ଏହାବାଦ୍ ସ୍କୁଲ ଖୋଲିଲେ ପ୍ରତିଦିନ ୧୦ ହଜାର

■ ୧୫ ଦିନ ଭିତରେ କାରଣ ଦର୍ଶାଅର ଜବାବ ନ ମିଳିଲେ କାର୍ଯ୍ୟାନୁଷ୍ଠାନ

**ଜଗତ୍‌ସିଂହପୁର ଅଫିସ, ୧୩।୩**

କୌଣସି ବେସରକାରୀ ଶିକ୍ଷାନୁଷ୍ଠାନ (ପ୍ରାଥମିକ ବିଦ୍ୟାଳୟ) ଖୋଲିବାକୁ ହେଲେ ସରକାରଙ୍କ ପକ୍ଷରୁ ରଖାଯାଇଥିବା ସମସ୍ତ ସର୍ତ୍ତାବଳୀ ପୂରଣ କରିବାକୁ ନିୟମ ରହିଛି। ବିଶେଷକରି ସିଓଆର୍ (ସାର୍ଟିଫିକେଟ୍ ଅଫ ରେକଗ୍‌ନାଇଜେଶନ୍) ପାଇବା ବାଧତାମୂଳକ। କିନ୍ତୁ ଜଗତ୍‌ସିଂହପୁରରେ ଥିବା ଜାଭିୟର୍ସ ହାଇସ୍କୁଲ ବିନା ସିଓଆର୍‌ରେ ଚାଲିଥିବାରୁ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ କଠୋର ହୋଇଛି। ସରକାରୀ ଆଇନ ଖିଲାପ କରିଥିବା କାରଣରୁ ଏହି ବିଦ୍ୟାଳୟକୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ଓ ଏହାପରେ ସ୍କୁଲ ବନ୍ଦ ନ ହେଲେ ପ୍ରତ୍ୟହ ୧୦ ହଜାର ଟଙ୍କା ଲେଖାଏ କାହିଁକି ଦେବାକୁ ନ ପଡିବ ୧୫ ଦିନ ଭିତରେ କାରଣ ଦର୍ଶାଇବାକୁ ଅଧକ୍ଷଙ୍କୁ ଚିଠି ହୋଇଛି। ଧାର୍ଯ୍ୟ ସମୟ ମଧ୍ୟରେ ଜବାବ ନ ମିଳିଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏହାକୁ ନେଇ ଜଗତ୍‌ସିଂହପୁରରେ ଚର୍ଚ୍ଚା ଜୋର ଧରିଛି।

ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଚିଠି ସଂଖ୍ୟା ୩୦୪୨ରେ ଦର୍ଶାଯାଇଛି ଯେ, ମାଗଣା ଓ ବାଧତାମୂଳକ ଶିକ୍ଷା ଯୋଗାଇ ଦେବା ପାଇଁ ସରକାର ୨୦୦୯ ଓ ୨୦୧୦ରେ ଆଇନ ପ୍ରଣୟନ କରିଛନ୍ତି। ୨୦୧୦ ଆଇନର ଦଫା ୧୮(୧)ରେ ଉଲ୍ଲେଖ ଅଛି, କୌଣସି ବିଦ୍ୟାଳୟ ବିନା ସିଓଆର୍ (ସାର୍ଟିଫିକେଟ୍ ଅଫ ରେକଗ୍‌ନାଇଜେଶନ୍)ରେ ଚାଲିପାରିବ ନାହିଁ। ଅର୍ଥାତ୍ ସିଓଆର୍ ପାଇବା ବାଧତାମୂଳକ। ସିଓଆର୍ ପାଇବା ସମ୍ପର୍କିତ ନିର୍ଦ୍ଦେଶାବଳୀ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ୨୧।୨।୧୭ରେ ବିଜ୍ଞପ୍ତି ସଂଖ୍ୟା ୨୯୫୬/ଏସ୍‌ଏମ୍‌ଇରେ ସ୍ପଷ୍ଟ ଉଲ୍ଲେଖ କରାଯାଇଛି। ଏହାସତ୍ତ୍ୱେ କୌଣସି ବ୍ୟକ୍ତି ବିନା ସିଓଆର୍‌ରେ ବିଦ୍ୟାଳୟ ପ୍ରତିଷ୍ଠା କିମ୍ବା ଚଳାଇବାକୁ ଚେଷ୍ଟା କଲେ ଆଇନ ଅନୁଯାୟୀ ଦଣ୍ଡିତ ହେବେ। ଏପରି କି ଅନୁମୋଦନ ପ୍ରତ୍ୟାହାର ପରେ କୌଣସି ବିଦ୍ୟାଳୟ ଚାଲିଲେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମନା ଦେବାକୁ ପଡିବ। ଏହାବାଦ ବିଦ୍ୟାଳୟ ଚାଲିଲେ ପ୍ରତି ଦିନ ୧୦ ହଜାର ଟଙ୍କା ଜରିମାନା ଦେବାକୁ ପଡିବ। ସିଓଆର୍ ପାଇବା ପାଇଁ ବେସରକାରୀ ବିଦ୍ୟାଳୟଗୁଡିକ ଅନଲାଇନ ଦରଖାସ୍ତ କରିବାକୁ ୨୦୧୭ ମାର୍ଚ୍ଚ ୨୫ରୁ ସୁଯୋଗ ଦିଆଯାଇଥିଲା। ଏହି ମୁତାବକ ଉକ୍ତ ବିଦ୍ୟାଳୟ ସିଓଆର୍ ପାଇଁ ଆବେଦନ କରିଥିଲା। କିନ୍ତୁ ଆବଶ୍ୟକ ସର୍ତ୍ତାବଳୀ ପୂରଣ କରିପାରି ନ ଥିବାରୁ ଏହା ସିଓଆର୍ ପାଇବାକୁ ଯୋଗ୍ୟ ବିବେଚିତ ହୋଇନାହିଁ। କିନ୍ତୁ ବିଦ୍ୟାଳୟଟି ବିନା ସିଓଆର୍‌ରେ ବେଆଇନ ଭାବେ ଚାଲିଥିବାରୁ ଆର୍‌ଟିଇ ଆଇନ ୨୦୦୯ ଦଫା ୧୮(୧)କୁ ସ୍ପଷ୍ଟ ଭାବେ ଉଲ୍ଲଙ୍ଘନ କରୁଛି। ତେଣୁ କାହିଁକି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବ ସେ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ଚିଠି କରି ୧୫ ଦିନ ଭିତରେ ଉତ୍ତର ଚାହିଁଛନ୍ତି।

ସୂଚନାଯୋଗ୍ୟ ଯେ, ଯେଉଁ ଶିକ୍ଷାନୁଷ୍ଠାନ ସର୍ତ୍ତାବଳୀ ପୂରଣ କରୁଥିଲେ ସେମାନଙ୍କୁ ପୂର୍ବରୁ ୧ ବର୍ଷିଆ ଏନ୍‌ଓସି (ନୋ ଅବଜେକ୍ସନ୍ ସାର୍ଟିଫିକେଟ୍) ଦିଆଯାଉଥିଲା। ରାଜ୍ୟ ସରକାର ଏନ୍‌ଓସି ପରିବର୍ତ୍ତେ ୫ ବର୍ଷିଆ ସିଓଆର୍ (ସାର୍ଟିଫିକେଟ୍ ଅଫ ରେକଗ୍ନାଇଜେସନ୍) ଦେବା ବ୍ୟବସ୍ଥା କରିଛନ୍ତି। ଏହି ଅନୁଯାୟୀ ରାଜ୍ୟର ଶହସ୍ରାଧିକ ବେସରକାରୀ ବିଦ୍ୟାଳୟ ସିଓଆର୍ ପାଇବା ପାଇଁ ଅନ୍‌ଲାଇନ୍‌ରେ ଆବେଦନ କରିଥିଲେ। ସେଗୁଡିକ ମଧ୍ୟରୁ ଜାଭିୟର୍ସ ହାଇସ୍କୁଲ ଅନ୍ୟତମ। ବିସ୍ମୟକର କଥା ହେଲା ଏହି ବିଦ୍ୟାଳୟ ୨୦୦୮ରେ ଜାଲ ଜମି କାଗଜପତ୍ର ଦେଇ ୧ ବର୍ଷିଆ ଏନ୍‌ଓସି ପାଇଥିଲା। ପରବର୍ତ୍ତୀ ସମୟରେ ଏହା ଜଣାପଡିଯିବାରୁ ଜିଲା ଶିକ୍ଷା ଅଧିକାରୀ (ଡିଇଓ) ଓ ଜିଲାପାଳ ଏହି ସ୍କୁଲର ଏନ୍‌ଓସି ପ୍ରତ୍ୟାହାର ପାଇଁ ମାଧମିକ ଶିକ୍ଷା ନିର୍ଦ୍ଦେଶକଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀଙ୍କୁ ଚିଠି କରିଥିଲେ। ଏଥିରେ ଉଲ୍ଲେଖ ଥିଲା ରାଜସ୍ୱ ବିଭାଗ ରେକର୍ଡରେ ପାଣିଶାଳିଆ ଗାଁର ଖାତା ସଂଖ୍ୟା ୪୯୯ ଓ ପ୍ଲଟ ସଂଖ୍ୟା ୧୧୩୫/୧୫୬୫ରେ ୬ ଡେସିମିଲ ଜମି ଅଶୋକ କୁମାର ମହାନ୍ତିଙ୍କ ସ୍ତ୍ରୀ ପୁଷ୍ପିତା ମହାନ୍ତିଙ୍କ ନାମରେ ଅଛି। ବାସ୍ତବରେ କିନ୍ତୁ ସ୍କୁଲ ଅନୁମୋଦନ ପାଇଁ ସର୍ବନିମ୍ନ ୧ ଏକର (ସହରାଞ୍ଚଳରେ) ଜମି ସ୍କୁଲ ନାମରେ ଥିବା ଆବଶ୍ୟକ। କିନ୍ତୁ ଜାଲ କାଗଜପତ୍ର ମାଧମରେ ସ୍କୁଲ ଅଧିକ ଜମି ଦେଖାଇ ମାଧମିକ ଶିକ୍ଷା ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶନାମା ବଳରେ ସିବିଏସ୍‌ଇ/ଆଇସିଏସ୍‌ଇ ପାଠ୍ୟକ୍ରମ ପାଇଁ (୧୦ମ ଶ୍ରେଣୀ ପର୍ଯ୍ୟନ୍ତ) ବର୍ଷିକିଆ ଅନୁମୋଦନ ଲାଭ କରିଥିଲା। ଚିଠି ଅନୁଯାୟୀ ଏନ୍‌ଓସି ବାତିଲ ହୋଇଥିଲା। ଅନ୍ୟପକ୍ଷରେ ବିଦ୍ୟାଳୟଟି ବେଆଇନ ଭାବେ ଚାଲିଥିବା ନେଇ ଓଡ଼ିଶା ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଚାଲିଛି।

### ମଦ ଜବତ, ଜଣେ ଗିରଫ

**ବାଲିକୁଦା, ୧୩।୩(ସ୍ୱ.ପ୍ର.)**

ବେଆଇନ ମଦ ବ୍ୟବସାୟ କରୁଥିବା ଅଭିଯୋଗରେ ବାଲିକୁଦା ଅବକାରୀ ବିଭାଗ ବୁଧବାର ଚଢ଼ାଉ କରି ଏରସମା ଥାନା ଗାରିଆ ଅଞ୍ଚଳରୁ ଜଣେ ବ୍ୟବସାୟୀଙ୍କୁ ଗିରଫ କରିଛି। ସେ ହେଲେ ଗୋକୁଳା ନନ୍ଦ ସ୍ୱାଇଁ। ଚଢ଼ାଉ ବେଳେ ତାଙ୍କଠାରୁ ୧୮ବୋତଲ ବିୟର ଜବତ ହୋଇଛି। ଗୋକୁଳାନନ୍ଦଙ୍କୁ ଗିରଫ କରାଯିବା ପରେ କୋର୍ଟ ଚାଲାଣ କରାଯାଇଥିଲା। ଚଢାଉରେ ବାଲିକୁଦା ଅବକାରୀ ଥାନା ଏସଆଇ କୁଳମଣି ନାୟକ, ଏସଏସଆଇ କୈଳାସ ଚନ୍ଦ୍ର ଦାସ, କନ୍‌ଷ୍ଟେବଳ ଚିତ୍ତରଞ୍ଜନ ଦାସ, ହିମାଂସୁ ନାୟକ, ଶ୍ରୀଧର ସିଂ ଓ ସବିତା ନାୟକ ପ୍ରମୁଖ ସାମିଲ ଥିଲେ।

### ଦୁର୍ଗାମନ୍ଦିର ବାର୍ଷିକ ଉତ୍ସବ

**ପାରାଦୀପ, ୧୩।୩(ସ୍ୱ.ପ୍ର.)**

ପାରାଦୀପ ବଡପଡିଆ ପୋର୍ଟ ବଣିକ ସଂଘ ପକ୍ଷରୁ ସ୍ଥାନୀୟ ଦୁର୍ଗାମନ୍ଦିରର ବାର୍ଷିକ ଉତ୍ସବ ବୁଧବାର ପାଳିତ ହୋଇଯାଇଛି। ଏହି ଅବସରରେ ମନ୍ଦିରରେ ସ୍ୱତନ୍ତ୍ର ନୀତିକାନ୍ତି ହେବା ସହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସଂଘ ସଭାପତି ସନ୍ତୋଷ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ନୀରଞ୍ଜନ ମହାନ୍ତି, ଦେବଦତ୍ତ ସାହୁ, ଫୁକୁନି ମହାପାତ୍ର, ଚୈତନ୍ୟ ସାହୁ, ପ୍ରମୋଦ ମହାପାତ୍ର ଓ ଶରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

■ ଦେନ୍ଦ୍ର ଗୁଳିକାଣ୍ଡ ମାମଲା

## ଅନ୍ୟତମ ଅଭିଯୁକ୍ତ ଲିକୁନା ଗିରଫ

**ଜଗତ୍‌ସିଂହପୁର ଅଫିସ, ୧୩।୩**


ଗିରଫ ଲିକୁନା

**୧୫ ଦିନିଆ ରିମାଣ୍ଡରେ ନେବାକୁ ପୋଲିସର ଆବେ**

୨୦୧୮ ଜୁନ ୧୫ ତାରିଖ ସନ୍ଧ୍ୟାରେ ଜଗତ୍‌ସିଂହପୁର ଥାନା ଅଧୀନ ଦେନ୍ଦ୍ର ଗ୍ରାମର ଜିତୁ ଓରଫ ଦିବ୍ୟସ୍ୱରୂପ ସାହୁଙ୍କୁ ଅଭିଯୁକ୍ତ ହତ୍ୟା ଉଦ୍ଦେଶ୍ୟରେ ଫାୟାରିଂ କରିଥିଲେ। ଏଥିରେ ଜିତୁ ଗୁରୁତର ହୋଇଥିଲେ। ଏହି ମାମଲାରେ ଜଗତ୍‌ସିଂହପୁର ପୋଲିସ ପୂର୍ବରୁ ୨ ଜଣଙ୍କୁ ଗିରଫ କରିଥିଲା। ବୁଧବାର ଅନ୍ୟତମ ଅଭିଯୁକ୍ତ ତଥା ବାଲିକୁଦା ଥାନା ଈଶ୍ୱରପୁରର ଲିକୁନା ଓରଫ ଚନ୍ଦନ କୁମାର ମହାନ୍ତି (୨୫)ଙ୍କୁ ପୋଲିସ ଗିରଫ ପରେ କୋର୍ଟ ଚାଲାଣ କରିଛି। ଏଥିସହ ଲିକୁନାଙ୍କୁ ୧୫ ଦିନିଆ ରିମାଣ୍ଡରେ ନେବା ପାଇଁ ଜଗତ୍‌ସିଂହପୁର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଆବେଦନ କରିଛି। ଏଥିରେ ଉଲ୍ଲେଖ ଅଛି ଲିକୁନାଙ୍କୁ ଜାମିନ ମିଳିଲେ ସେ ତଥ୍ୟ ନଷ୍ଟ ସହ ଅଭିଯୋଗକାରୀ ଏବଂ ଅନ୍ୟମାନଙ୍କୁ କ୍ଷତିରେ ପହଞ୍ଚାଇପାରନ୍ତି।

ଜିତୁଙ୍କୁ ଫାୟାରିଂ ପରେ ସେହିଦିନ ସନ୍ଧ୍ୟାରେ ତାଙ୍କ ସମ୍ପର୍କୀୟ ତଥା ଦେନ୍ଦ୍ରର କବିତା ସାହୁ ଜଗତ୍‌ସିଂହପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଗ୍ରହଣ କରି ପୋଲିସ ମାମଲା ରୁଜୁ ସହ ତଦନ୍ତ କରିଥିଲା। ପୋଲିସ ଘଟଣାସ୍ଥଳ ପରିଦର୍ଶନ କରିବା ପରେ ପ୍ରମାଣଯୋଗ୍ୟ କେତେକ ସାମଗ୍ରୀ ସିଜ୍ କରିଥିଲା। ପରବର୍ତ୍ତୀ ସମୟରେ ୨ଜଣ ଅଭିଯୁକ୍ତଙ୍କୁ ଗିରଫ ସହ ସେମାନଙ୍କ ନାମରେ ଚାର୍ଜସିଟ୍ ଦାଖଲ କରିଛି। ତେବେ ପୂର୍ବ ଆକ୍ରୋଷରୁ ଅଭିଯୁକ୍ତ ତଥା ଏହି ଥାନା ଅନ୍ତର୍ଗତ ସିଙ୍ଗପୁରର ଜାନକୀ ମହାରଣା, ବାପି ସ୍ୱାଇଁ, କାଦୁଆପଡ଼ାର ରାକେଶ ମଲ୍ଲିକ, କଲ୍ୟାଣପୁରର ବାପି ଓରଫ ମହିମାଶକ୍ତି ପରିଡ଼ାଙ୍କ ସମେତ ଲିକୁନା ସମାନ ଉଦ୍ଦେଶ୍ୟ ରଖି ହତ୍ୟା ଷଡ଼ଯନ୍ତ୍ର ରଚିଥିଲେ। ଜିତୁଙ୍କୁ ଫାୟାରିଂ କରିବାରୁ ତାଙ୍କ ଶରୀରରେ କ୍ଷତ ସୃଷ୍ଟି ହୋଇଥିଲା। ତଥ୍ୟ ପ୍ରମାଣକୁ ଭିତ୍ତିକରି ପୋଲିସ ଦଫା ୩୦୭/୩୨୬/୩୪ଆଇପିସି/୧୨୦-ବି ଆଇପିସି/୨୫/୨୭ ଆର୍ମସ୍ ଆକ୍ଟରେ ମାମଲା ରୁଜୁ କରିଥିଲା।

ପ୍ରକାଶଯୋଗ୍ୟ, ଦେନ୍ଦୁଅ ଠାକୁରାଣୀ ମନ୍ଦିରରେ ଶୁକ୍ରବାର ସଂକ୍ରାନ୍ତିରେ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା। ଜିତୁ ପ୍ରସାଦ ସେବନ କରି ଘରକୁ ଫେରିଥିଲେ। ସନ୍ଧ୍ୟା ପୂର୍ବରୁ ୩ଟି ବାଇକ୍‌ରେ ୫ଜଣ ତାଙ୍କ ଘରେ ପହଞ୍ଚି ବାହାରେ କଥାବାର୍ତ୍ତା ହେବା ବାହାନାରେ ଡାକି ନେଇଥିଲେ। ପରେ ଟଙ୍କା, ପଇସାକୁ ନେଇ ସେମାନଙ୍କ ଭିତରେ ବଚସା ହୋଇଥିଲା। ଏଥିରେ କ୍ରୋଧାନ୍ୱିତ ହୋଇ ପୂର୍ବ ପ୍ରସ୍ତୁତି ମୁତାବକ ସେମାନେ ଜିତୁଙ୍କ ବାମ ଓ ଦକ୍ଷିଣ ଗୋଡ ଜଙ୍ଘକୁ ଲକ୍ଷ୍ୟ କରି ୨ ରାଉଣ୍ଡ ଗୁଳିଚାଳନା କରିଥିଲେ। ଘଟଣାସ୍ଥଳରେ ସେ ଗୁରୁତର ହୋଇଥିଲେ। ସଙ୍ଗେସଙ୍ଗେ ତାଙ୍କୁ ନିକଟସ୍ଥ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ସ୍ଥାନାନ୍ତରିତ କରାଯାଇଥିଲା।

### ସ୍ୱେଚ୍ଛାସେବୀ ସଂଗଠନର ସମ୍ପର୍କ ଆମ ସହ କାର୍ଯ୍ୟକ୍ରମ

**ରାହାମା, ୧୩।୩(ଡି.ଏନ୍.ଏ.)**

ତିର୍ତ୍ତୋଲ ବ୍ଲକ ଅଧୀନ ବିଣାପାଣୀ ମଣ୍ଡପ ପରିସରରେ ସ୍ୱେଚ୍ଛାସେବୀ ସଂଗଠନ ଏଏଫ୍‌ଆଇଏନ ଏବଂ ଓଆଇଜି ପକ୍ଷରୁ ସମ୍ପର୍କ ଆମ ସହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଗଠନ ଉପଦେଷ୍ଟା ଦେବପ୍ରସାଦ ନାୟକ(ଫେଲୁ) ସଭାପତିତ୍ୱ କରିଥିବା ବେଳେ ସଂଗଠନ ପ୍ରତିଷ୍ଠାତା ହିମାଂଶୁ ଭୂଷଣ ମଲ୍ଲିକ ଯୋଗଦେଇ ଯୁବତୀଯୁବକ ସୋସିଆଲ ମିଡିଆରେ ଅପଚୟ କରୁଥିବା ସମୟରୁ କିଛି କାଢ଼ି ସମାଜର ହିତ କାର୍ଯ୍ୟରେ ଯୋଗଦେବାକୁ ଉପସ୍ଥିତ ଥିବା ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ସାମାଜିକ କର୍ମୀ ବେଦଦ୍ୟୁତି ପୃଷ୍ଟି ସୁଚନା ଅଧିକାର ଆଇନ୍ ଓ ଯୁବ ନେତୃତ୍ୱ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟଥିଲା ଯୁବପିଢ଼ିଙ୍କୁ ସମାଜସେବା ପ୍ରତି ଆକୃଷ୍ଟ କରିବା ଏବଂ ସଂଗଠନ କାର୍ଯ୍ୟ କରିବା ଉପରେ ସଭିଙ୍କୁ ଅବଗତ କରାଇବା। ସଂଗଠନ ସଭାପତି ଶ୍ରୀପତି କୁମାର ଲେଙ୍କା ସଂଗଠନ ଚଳାଇଥିବା କ୍ୟାମ୍ପେନ୍ ‘‘ପରିବର୍ତ୍ତନ କିଛି ଭଲପାଇଁ’’କୁ ଲୋକଲୋଚନକୁ ଆଣିଥିଲେ। ଉପସଭାପତି ବିଶ୍ୱଭୂଷଣ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମ୍ପାଦକ ସ୍ମୃତି ରଞ୍ଜନ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ସହସମ୍ପାଦକ ସୁନିଲ ରଣା, ଅରବିନ୍ଦ ସ୍ୱାଇଁ, ସ୍ମୃତିରଞ୍ଜନ ଚୌଧୁରୀ, ରଞ୍ଜିତ ମହାନ୍ତି, ତୁଷାର ମହାନ୍ତି, ସୋମ୍ୟ ମହାନ୍ତି, ଶ୍ରୀକାନ୍ତ ସାହୁ, ପୁଷ୍ପାନୁ ପୃଷ୍ଟିଙ୍କ ସଂଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ସିପିଆଇ(ଏମ୍)ର କର୍ମକର୍ତ୍ତା।

## ଭାଜପା, ବିଜେଡିକୁ ପରାସ୍ତ କରିବାକୁ ସିପିଆଇ(ଏମ୍)ର ଆହ୍ୱାନ

**ବାଲିଆ, ୧୩।୩**

ବିରିଡି ବ୍ଲକ ସିପିଆଇ(ଏମ୍)ର ଏକ ଖବରଦାତା ସମ୍ମିଳନୀ ବୁଧବାର ଦଳୀୟ କାର୍ଯ୍ୟାଳୟ ପରିରସରେ ଅନୁଷ୍ଠିତ ହୋଇଛି। ଏଥିରେ ସିପିଆଇ(ଏମ) ଜିଲା ସମ୍ପାଦକ ଲୋଭାକାନ୍ତ ସ୍ୱାଇଁ, ଜିଲା କମିଟି ସଭ୍ୟ ଯୁଧିଷ୍ଠିର ଦାସ, ଗଣେଶ ଚନ୍ଦ୍ର ମାଣିଆ, ବେଣୁଧର ବାରିକ, ଆଞ୍ଚଳିକ କମିଟି ସଭ୍ୟ ନଟବର ପଲେଇ, ସନ୍ତୋଷ ଓଝା, ପ୍ରଶନ୍ନ ରାଉତ ଓ ବର୍ଷା ବାରିକ ପ୍ରମୁଖ ଉପସ୍ଥିତ ରହି କେନ୍ଦ୍ରର ମୋଦି ସରକାର ଓ ରାଜ୍ୟର ବିଜେଡି ସରକାରଙ୍କୁ ପରାସ୍ତ କରିବାକୁ ଜନସାଧାରଣଙ୍କୁ ଆହ୍ୱାନ କରିଥିଲେ। ୨୦୧୪ରେ ନରେନ୍ଦ୍ର ମୋଦି ସରକାର କ୍ଷମତାକୁ ଆସି ଦେଶବାସୀଙ୍କୁ ଯାହା ପ୍ରତିଶ୍ରୁତି ଦେଇଥିଲେ ତାହା ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ କରି ନ ଥିବାରୁ କର୍ମକର୍ତ୍ତା ଅସନ୍ତୋଷ ପ୍ରକାଶ କରିଥିଲେ। ସେହିପରି ଓଡିଶାରେ ଥିବା ନବୀନ ପଟ୍ଟନାୟକଙ୍କ ବିଜେଡି ସରକାର ପ୍ରତ୍ୟକ ଘଟଣାରେ କେନ୍ଦ୍ରର ଭାଜପା ସରକାରକୁ ସମର୍ଥନ ଦେଇ ଆସୁଛି ବୋଲି ଅଭିଯୋଗ ହୋଇଥିଲା। ତେଣୁ ଉଭୟ ସରକାରଙ୍କୁ ଆସନ୍ତା ନିର୍ବାଚନରେ ପରାସ୍ତ କରିବା ପାଇଁ ଆହ୍ୱାନ କରାଯାଇଥିଲା।

## ପ୍ରଧାନମନ୍ତ୍ରୀ କୌଶଳ କେନ୍ଦ୍ରରେ କୌଶଳ ମେଳା

**ବିରିଡି, ୧୩।୩(ଡି.ଏନ୍.ଏ)**

ବିରିଡ଼ି ବ୍ଲକ ଅଣଖିଆଠାରେ ଥିବା ପ୍ରଧାନମନ୍ତ୍ରୀ କୌଶଳ କେନ୍ଦ୍ରରେ ବୁଧବାର କୌଶଳ ମେଳା ଅନୁଷ୍ଠିତ ହୋଇଯାଇଛି। ମେଳାରେ କେନ୍ଦ୍ର ପରିଚାଳକ ପ୍ରଫେସର ଦେବେନ୍ଦ୍ର କୁମାର ସାହୁ ପୌରୋହିତ୍ୟ କରିଥିଲେ। କେନ୍ଦ୍ରରେ ନୂତନ ଛାତ୍ରୀଛାତ୍ର ସେମାନଙ୍କ ନାମଲେଖା କାର୍ଯ୍ୟକ୍ରମ କରିଥିବାବେଳେ ଏଠାରୁ କୃତକାର୍ଯ୍ୟ ସହ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପରିଚାଳକ ପ୍ରଫେସର ସାହୁ ନୂତନ ଛାତ୍ରୀଛାତ୍ରଙ୍କୁ ପ୍ରତ୍ୟେକ ଦିନ କ୍ଲାସକୁ ଆସି ପଢିବାକୁ ପରାମର୍ଶ ଦେଇଥିଲେ। ଏଠାକାର ଛାତ୍ରୀଛାତ୍ର ମାଗଣା ପାଠ ପଢିବା ସହ ଖାଇବା ରହିବାର ବ୍ୟବସ୍ଥା ଅଛି ବୋଲି ସାହୁ କହିଥିଲେ। ୨୦୧୮ରୁ ୨୦୧୯ର କୃତୀ ଛାତ୍ରୀଛାତ୍ରଙ୍କୁ କେନ୍ଦ୍ର ପକ୍ଷରୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

ଷ୍ଟେଟ ଆଇଡିଆଲ ପବ୍ଲିକ ସ୍କୁଲ, ଶିକ୍ଷା ଖର୍ଚ୍ଚ ପ୍ରଦାନ ଦାବି ପ୍ରସଙ୍ଗ

## ଦ୍ୱିତୀୟ ଦିନରେ ଅଭିଭାବକଙ୍କ ଧାରଣା

**ରଘୁନାଥପୁର, ୧୩।୩ (ଡି.ଏନ୍.ଏ.)**

ରଘୁନାଥପୁର ବ୍ଲକ ପାଟେଣିଗାଁ ବର୍ତ୍ତିସ୍ଥିତ ଷ୍ଟେଟ ଆଇଡିଆଲ ପବ୍ଲିକ ସ୍କୁଲର ଗରିବ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ଶିକ୍ଷା ଖର୍ଚ୍ଚ ପ୍ରଦାନ ନିମନ୍ତେ ମଙ୍ଗଳବାର ଓ ବୁଧବାର ଅଭିଭାବକ ବିଇଓ ଅଫିସ ଆଗରେ ଧାରଣାରେ ବସିଛନ୍ତି। ବ୍ଲକ ଶିକ୍ଷା ଅଧିକାରିଣୀ ରାଜ୍ୟଶ୍ରୀ ସାହୁ ଉକ୍ତ ସ୍କୁଲର ପ୍ରସ୍ତାବକୁ ଇନକ୍ୱାରି ରିପୋର୍ଟ ସହ ଡିଇଓଙ୍କ ପାଖକୁ ପଠାଇଛନ୍ତି। କିନ୍ତୁ ଅଭିଭାବକ ଓ ଛାତ୍ରୀଛାତ୍ରଙ୍କ ଏହି ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଅନଶନ ଜାରି ରହିବ ବୋଲି ଆଡଭାଇଜରି କମିଟିର ଚେୟାରମ୍ୟାନ ପ୍ରାଣକୃଷ୍ଣ ନାୟକ ଓ ଭାଇସ ଚେୟାରମ୍ୟାନ ରୂପେନ୍ଦ୍ର ମିଶ୍ର ପ୍ରକାଶ କରିଛନ୍ତି। ମଙ୍ଗଳବାର କାର୍ଯ୍ୟାଳୟ ପକ୍ଷରୁ ଇନକ୍ୱାରି ରିପୋର୍ଟ ସମ୍ପର୍କରେ ଜାଣିବାକୁ କୁହାଯାଇଥିଲା। କିନ୍ତୁ ଅଧିକାରୀଙ୍କ ଆଦେଶ ବିନା ଇନକ୍ୱାରି ରିପୋର୍ଟ ସାଧାରଣରେ ପ୍ରକାଶ କରାଯାଇ ପାରିବ ନାହିଁ ବୋଲି ବିଇଓ କହିଥିଲେ। ଆନ୍ଦୋଳନ ଦିନକୁ ଦିନ ଜଟିଳ ରୂପ ନେଉଛି। ଭୋକ ଉପବାସରେ ବସି ରହିଥିବା ଭାଇସ ଚେୟାରମ୍ୟାନ ମିଶ୍ରଙ୍କ ସ୍ୱାସ୍ଥ୍ୟବସ୍ଥାରେ ଅବନତି ପରିଲକ୍ଷିତ ହୋଇଛି। ବିଇଓ ସାହୁ ଅନଶନକାରୀଙ୍କୁ ବୁଝାଇ ଅନଶନ ପ୍ରତ୍ୟାହୃତ କରିନେବାକୁ ପ୍ରବର୍ତ୍ତାଇଥିଲେ ମଧ ସେମାନେ ଏହାକୁ ଅଗ୍ରାହ୍ୟ କରି ଦେଇଛନ୍ତି। ପବ୍ଲିକ ସ୍କୁଲରେ ଅଧୟନରତ ଏସି, ଏସ୍‌ଟି ଓ ଆର୍ଥିକ ଅନଗ୍ରସର ଛାତ୍ରୀଛାତ୍ରଙ୍କ ସରକାରଙ୍କ ନିୟମ ଅନୁଯାୟୀ ୨୫ ପ୍ରତିଶତ ଶିକ୍ଷା ଖର୍ଚ୍ଚ ବହନ କରାଯିବାର ବ୍ୟବସ୍ଥା ରହିଛି। ସ୍କୁଲ ପକ୍ଷରୁ ଏ ସମ୍ପର୍କରେ ସମସ୍ତ ପ୍ରସ୍ତାବ ବିଇଓ କାର୍ଯ୍ୟାଳୟକୁ ଯୋଗାଇ ଦିଆଯାଇଥିଲେ ମଧ ଇନକ୍ୱାରି ଅଫିସର ଉଦ୍ଦେଶ୍ୟ ମୂଳକ ଭାବେ ଏହାକୁ କାର୍ଯ୍ୟକାରୀ କରୁ ନ ଥିବା ଅଭିଭାବକଙ୍କ ପକ୍ଷରୁ ଅଭିଯୋଗ କରାଯାଇଛି। ଏବିଇଓ ନରହରି ମିଶ୍ର କହିଛନ୍ତି, ଗାଇଡ ଲାଇନ ଅନୁଯାୟୀ ତଦନ୍ତ ରିପୋର୍ଟ ପ୍ରଦାନ କରାଯାଇଛି। ଯଥାଶୀଘ୍ର ଜିଲାପାଳ ଏଥିରେ ହସ୍ତକ୍ଷେପ କରି ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି।


ଦ୍ୱିତୀୟ ଦିନରେ ଅଭିଭାବକ ଧାରଣାରେ ବସିଛନ୍ତି।

■ ତିରୁଣା-ଡାବର ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ରାସ୍ତା ଶୋଚନୀୟ

# ୧୦ ବର୍ଷ ହେଲା ମରାମତି ହେଉନି

**ନାଉଗାଁ, ୧୩।୩(ସ୍ୱ.ପ୍ର.)**


ଶୋଚନୀୟ ଅବସ୍ଥାରେ ତିରୁଣା-ଡାବର ରାସ୍ତା।

■ ଟେଣ୍ଡର ହୋଇ ଠିକାଦାର ଚୟନ ସରିଛି

■ କାମ ନ ହେବାରୁ ବଢ଼ୁଛି ଅସନ୍ତୋଷ

■ ଜନସାଧାରଣ ଅସୁବିଧାର ସମ୍ମୁଖୀନ

ନାଉଗାଁ ବ୍ଲକ ଅଞ୍ଚଳର ବିଭିନ୍ନ ଗ୍ରାମକୁ ସଂଯୋଗ କରିବା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଅନେକ ଯୋଜନାରେ ରାସ୍ତା ନିର୍ମାଣ କରାଯାଇଛି। କିନ୍ତୁ ଏହି ରାସ୍ତା ଗୁଡ଼ିକର ଆବଶ୍ୟକ ମରାମତି ହେଉ ନ ଥିବାରୁ ତାହା ଏବେ ଶୋଚନୀୟ ହୋଇପଡ଼ିଛି। ବର୍ତ୍ତମାନ ରାସ୍ତା ଗୁଡ଼ିକର ପରିସ୍ଥିତି ଏପରି ହୋଇଛି ଯେ, ଚାଲିକି ଯିବାବି କଷ୍ଟକର ହୋଇପଡ଼ିଛି। ଫଳରେ ଏହି ରାସ୍ତାଦେଇ ଯାତାୟାତ କରୁଥିବା ଜନସାଧାରଣ ଦୈନିକ ଛୋଟ ବଡ଼ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏହାକୁ ନେଇ ଜନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ସେହି ରାସ୍ତା ମଧ୍ୟରେ ରହିଛି ନାଉଗାଁ-ଡାବର ରାସ୍ତା। ଏହି ୮ କି.ମି. ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଯାହାଫଳରେ ରାସ୍ତାରେ ଚାଲିକି ଯିବା କଷ୍ଟକର ହୋଇଛି। ରାସ୍ତାଟି ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ରହିଥିବା ବେଳେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ୨୦୦୨-୦୩ରେ ନିର୍ମାଣ ହୋଇଥିଲା। ରାସ୍ତା ଖରାପ ହେଲେ ଠିକାଦର ମରାମତି କରିବା ନିୟମ ଥିବାରୁ ତାହା ଥରେ ମରାମତି ହୋଇଥିଲା। ଏହି ମରାମତିକୁ ୧୦ ବର୍ଷ ବିତି ସାରିଛି। ଏହା ମଧ୍ୟରେ ରାସ୍ତା ପୁଣି ଖରାପ ହୋଇପଡ଼ିଛି। ହେଲେ କେହି ଏହାର ମରାମତି କଥା ଭାବୁନାହାନ୍ତି। ଯଦ୍ୱାରା ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତା ଅବସ୍ଥାକୁ ନେଇ ପୂର୍ବରୁ ‘ଧରିତ୍ରୀ’ରେ ଖବର ପ୍ରକାଶ ପାଇଥିଲା। ପରେ ବିଭାଗ ପକ୍ଷରୁ ଟେଣ୍ଡର କରାଯାଇ ଠିକାଦାରଙ୍କୁ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ଏ ପର୍ଯ୍ୟନ୍ତ ଠିକାଦାର କାର୍ଯ୍ୟ ଆରମ୍ଭ କରୁ ନାହାନ୍ତି।

ରାସ୍ତାର ବିଭିନ୍ନ ସ୍ଥାନ ଖାଲଖମାରେ ଭର୍ତ୍ତି ହୋଇଛି। ରାସ୍ତାରେ ବ୍ୟବହାର ହୋଇଥିବା ମେଟାଲ ସବୁ ବାହାରି ପଡ଼ିଲାଣି। ରାସ୍ତାଟି ନାଉଗାଁ ବ୍ଲକଠାରୁ ତିହୁଡ଼ା, ଗୋଠଦା, ଅରିଓଦା, ଦହିପାଳ, ତିରୁଣା, ମହନାପାରି ଓ ଡାବର ଦେଇ ମାଛଗାଁକୁ ସଂଯୋଗ କରୁଥିବାବେଳେ ବ୍ଲକର ଡାବର ପଞ୍ଚାୟତ ଦେଓପଡା ଦେଇ ବାଲିକୁଦା ବ୍ଲକକୁ ସଂଯୋଗ କରୁଛି। ବାଲିକୁଦା, ମାଛଗାଁ ଓ ନାଉଗାଁ ବ୍ଲକର ତିରୁଣା, ଡାବର ପଞ୍ଚାୟତ ଜନସାଧରାଣ ଏହି ରାସ୍ତା ଦେଇ ବିଭିନ୍ନ କାର୍ଯ୍ୟରେ ବ୍ଲକ, ତହସିଲ ଓ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥାନ୍ତି। ଗଙ୍ଗଦା ଶ୍ରୀଶ୍ରୀ ମଉଳା ଭଣଜା ମହାବିଦ୍ୟାଳୟ, ନାଉଗାଁ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ, ତିହୁଡା ସରସ୍ୱତୀ ଶିଶୁ ମନ୍ଦିର ଗଙ୍ଗଦାହାଟ, ଶ୍ରୀ ଅଚ୍ୟୁତ ଇଂଲିଶ ମିଡିୟମ ବିଦ୍ୟାଳୟକୁ ପ୍ରତ୍ୟେହ ଛୋଟ ପିଲାଙ୍କୁ ନେଇ ସ୍କୁଲ ଗାଡି ଯିବା ଆସିବା କରୁଛି। ସେହିପରି ଯାତ୍ରୀବାହୀ ଓ ମାଲବାହୀ ଗାଡି ଗୁଡ଼ିକ ମଧ ଯାତାୟାତ କରିବାବେଳେ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ତେଣୁ ଶୀଘ୍ର ଉକ୍ତ ରାସ୍ତା କାର୍ଯ୍ୟ ଆରମ୍ଭ କରିବାକୁ ଅଞ୍ଚଳବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ବିନୋଦ ତରାଇ କହିଛନ୍ତି, ରାସ୍ତା କାର୍ଯ୍ୟ କରିବା ପାଇଁ ବିଭାଗ ପକ୍ଷରୁ ଟେଣ୍ଡର କରାଯାଇ ଠିକାଦାର ଚୟନ ସରିଛି। ଖୁବ୍‌ଶୀଘ୍ର କାମ ଆରମ୍ଭ ହେବ। ଏବେ ଦେଖିବାକୁ ଅପେକ୍ଷା କେବେ ଏହାର ମରାମତି ହେଉଛି।

ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୧୪/୨୦୧୯ Bhubaneswar, Thursday, March 14/ 2019

## ସଂକ୍ଷେପରେ

### ୨ ୱାରେଣ୍ଟୀ ଗିରଫ

ବାଲିକୁଦା,୧୩।୩(ସ୍ୱ.ପ୍ର.): ବାଲିକୁଦା ପୋଲିସ ମଙ୍ଗଳବାର ରାତିରେ ଚଢ଼ାଉ କରି ବାହାରଣା ପଞ୍ଚାୟତ ଗରିଆ ଗାଁର ଗୌତମ ଦାସଙ୍କୁ ଗିରଫ କରିଥିଲା। ବୁଧବାର ତାଙ୍କୁ କୋର୍ଟ ଚାଲାଣ କରିଛି। ଗୌତମଙ୍କ ନାମରେ ୨୦୧୪ରେ ବାଲିକୁଦା ଥାନାରେ ୨୨୫/୧୪ରେ ଏକ ମାମଲା ରୁଜୁ ହୋଇଥିଲା। ଫଳରେ ସେ ଗିରଫ ହୋଇ ପରେ ଜାମିନରେ ଆସିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ କୋର୍ଟଙ୍କ ଆଦେଶକୁ ଅବମାନନା କରି କୋର୍ଟରେ ହାଜର ହେଉ ନ ଥିଲେ। ଏଥିଯୋଗୁ ତାଙ୍କ ନାମରେ ୱାରେଣ୍ଟ ଜାରି ହୋଇଥିଲା। ସେହି ୱାରେଣ୍ଟ ବଳରେ ପୋଲିସ ତାଙ୍କୁ ଗିରଫ କରିଥିଲା। ସେହିପରି ଅନନ୍ତପୁର ଫାଣ୍ଡି ଅଧିକାରୀ ସୁଶାନ୍ତ ମିଶ୍ର ରହଣ ପଞ୍ଚାୟତ ରାହାଣ ଗାଁରେ ମଙ୍ଗଳବାର ରାତିରେ ଚଢାଉ କରି ବୁଲାକି ଦାସ ନାମକ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି। ବୁଲାକିଙ୍କ ନାମରେ ବାଲିକୁଦା ଥାନାରେ ୨୧୮/୧୮ରେ ଏକ ମାମଲା ଥିବାବେଳେ ସେ ଫେରାର ଥିଲେ। କୋର୍ଟ ତାଙ୍କ ନାମରେ ୱାରେଣ୍ଟ ଜାରି କରିଥିଲେ। ସେହି ୱାରେଣ୍ଟ ବଳରେ ତାଙ୍କୁ ଗିରଫ କରାଯାଇ ବୁଧବାର ବାଲିକୁଦା ଥାନାରେ ଜିମା ଦିଆଯାଇଥିଲା। ପରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିଲା।

# ଡଙ୍ଗାରୁ ଖସିଲା ବାଇକ୍, ବର୍ତ୍ତିଲେ ଯାତ୍ରୀ

ପାରାଦୀପ,୧୩।୩(ସ୍ୱ.ପ୍ର.)

ପାରାଦୀପ ଇଫ୍‌କୋ ସାର କାରଖାନା ପଛରେ ଥିବା ମହାନଦୀ ବାହାକୁଦ ଘାଟରେ ବୁଧବାର ଏକ ଯାତ୍ରୀବାହୀ ଡଙ୍ଗାରୁ ୨ ବାଇକ୍ ଖସିପଡ଼ିଛି। ତେବେ ଡଙ୍ଗାରେ ବସିଥିବା ପ୍ରାୟ ୬୦ରୁ ଊର୍ଦ୍ଧ୍ୱ ଯାତ୍ରୀ ବର୍ତ୍ତି ଯାଇଛନ୍ତି। ଡଙ୍ଗାଟି କୂଳ ପାଖରେ ଥିବାରୁ କୌଣସି ଯାତ୍ରୀଙ୍କ କ୍ଷତି ଘଟିନାହିଁ। ନିକଟରେ ଥିବା ଅନ୍ୟ ଏକ ଡଙ୍ଗା ଓ ଯାତ୍ରୀଙ୍କ ସହାୟତାରେ ବାଇକ ଦୁଇଟିକୁ ଉଦ୍ଧାର କରାଯାଇଛି।

ସୂଚନାଯୋଗ୍ୟ, ରାଜ୍ୟର ବିଭିନ୍ନ ସ୍ଥାନରେ ଡଙ୍ଗାବୁଡ଼ି ଘଟଣାରେ ଅନେକ ଲୋକଙ୍କ ମୃତ୍ୟୁ ଘଟୁଥିବାବେଳେ ପ୍ରଶାସନ ପକ୍ଷରୁ କୌଣସି କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବା ଅଭିଯୋଗ ହେଉଛି। ଚଳିତ ବର୍ଷ ଜାନୁୟାରୀରେ କେନ୍ଦ୍ରାପଡ଼ାର ନିପାଣିଆଠାରେ ଡଙ୍ଗା ବୁଡ଼ିବାରୁ ୮ଜଣଙ୍କ ମୃତ୍ୟୁ ଘଟିଥିଲା। ସେହିପରି ୨୦୦୪ ମାର୍ଚ୍ଚ ୧ରେ ବାହାକୁଦ ଘାଟରେ ଡଙ୍ଗା ବୁଡ଼ିବାରୁ ୧୩ କ୍ରିକେଟ୍ ଖେଳାଳି ପ୍ରାଣ ହରାଇଥିଲେ। ହେଲେ ପ୍ରଶାସନର ଚେତା ପଶୁନାହିଁ। ଏବେବି ଏହି ଘାଟ ଦେଇ ପ୍ରତିଦିନ ବହୁ ଲୋକେ ବିପଦପୂର୍ଣ୍ଣ ଭାବେ ଯାତାୟାତ କରୁଛନ୍ତି। ଯାତ୍ରୀଙ୍କୁ ନିରାପତ୍ତା ଉପକରଣ ପ୍ରଦାନ କରାଯାଉନାହିଁ ବୋଲି ସ୍ୱେଚ୍ଛାସେବୀ ସଂଗଠନ ଆଦର୍ଶ ପ୍ରୟାସ ପକ୍ଷରୁ ଅଭିଯୋଗ ହୋଇଛି।



ଡଙ୍ଗାରୁ ଖସିପଡ଼ିଥିବା ବାଇକକୁ ଉଦ୍ଧାର କରାଯାଉଛି।

# ପରବର୍ତ୍ତୀ ରଣନୀତି ଝୁଲାଇ ରଖିଲେ ଦାମ

ଭୁବନେଶ୍ୱର,୧୩।୩(ବ୍ୟୁରୋ)

ବିଜେଡିରୁ ବହିଷ୍କୃତ ଦାମୋଦର ରାଉତ ଭାଜପାରେ ଯୋଗଦେବା ନେଇ କିଛିଦିନ ହେବ ଚର୍ଚ୍ଚା ଚାଲିଛି। ଏମିତିକି ସେ ବୁଧବାର ନୂଆଦିଲ୍ଲୀ ଗସ୍ତ କରିବା ସହ ଭାଜପା ଶୀର୍ଷ ନେତୃତ୍ୱଙ୍କ ଉପସ୍ଥିତିରେ ଭାଜପାରେ ସାମିଲ ହୋଇଥାନ୍ତେ। ହେଲେ ସ୍ତ୍ରୀଙ୍କ ଅସୁସ୍ଥତା ହେତୁ ତାଙ୍କ ଗସ୍ତ ଶେଷ ମୁହୂର୍ତ୍ତରେ ବାତିଲ ହୋଇଥିଲା। ବିଜେଡିର କେତେଜଣ ନେତାଙ୍କ ସୂଚନାନୁଯାୟୀ ଦାମ କୌଣସିମତେ ଭାଜପାରେ ଯୋଗଦିଅନ୍ତୁ, ଏହା ଦଳ ଚାହୁଁନାହିଁ। ଭୋଟ ଫଳାଫଳ ଅପେକ୍ଷା ବିଜେଡି ପ୍ରତି ଦାମଙ୍କ କଟୁକ୍ତି ନିର୍ବାଚନ ସମୟରେ ଘାତକ ସାବ୍ୟସ୍ତ ହେବାର ସମ୍ଭାବନା ରହିଛି। ତେଣୁ ଦାମଙ୍କୁ କୌଣସି ପ୍ରକାର ଅଟକାଇବା ପାଇଁ ବିଜେଡି ପ୍ରକ୍ରିୟା ଆରମ୍ଭ କରିଛି। ବିଜେଡିର ଜନୈକ ବିଧାୟକ ଦାମଙ୍କ ପୁତ୍ର ସମ୍ବିତ ରାଉତରାୟଙ୍କୁ ପାରାଦୀପରୁ ପ୍ରାର୍ଥୀ କରିବା ନେଇ ଆଲୋଚନା କରିଛନ୍ତି। ଏମିତିକି ସମ୍ବିତଙ୍କୁ ନେଇ ନବୀନ ନିବାସ ଯାଇଥିବା ଖବର ମଧ୍ୟ ଚର୍ଚ୍ଚା ହୋଇଛି। ପୁତ୍ର ସମ୍ବିତଙ୍କ ମାଧ୍ୟମରେ ଦାମଙ୍କୁ ଭାଜପା ନ ଯିବା ପାଇଁ ପ୍ରବର୍ତ୍ତାଯାଇଛି। ଘଟଣା ସମ୍ପର୍କରେ ଅଧିକ ଜାଣିବା ପାଇଁ ସମ୍ବିତଙ୍କ ସହ ଯୋଗାଯୋଗ କରାଯାଇଥିଲା। ମାତ୍ର ଏହା ସମ୍ଭବ ହୋଇପାରିନାହିଁ। ଦାମଙ୍କ କନ୍ୟା ତଥା ବିଏମ୍‌ସି କର୍ପୋରେଟର ଥିବା ପ୍ରୀତିନନ୍ଦା ରାଉତରାୟଙ୍କୁ ନେଇ ମଧ୍ୟ ଚର୍ଚ୍ଚା ଜୋର ଧରିଛି। ତାଙ୍କୁ ଭବିଷ୍ୟତରେ ରାଜନୈତିକ ଥଇଥାନ କରି ଦାମଙ୍କୁ ଚୁପ୍ କରିବା ପାଇଁ ବିଜେଡି ଚେଷ୍ଟା ଜାରି ରଖିଛି। ଏ ସମ୍ପର୍କରେ ସ୍ପଷ୍ଟୀକରଣ ଦେଇ ଦାମ କହିଛନ୍ତି ଯେ, ତାଙ୍କ ପୁଅ ଝିଅଙ୍କୁ ଟିକେଟ ମିଳୁ ବୋଲି ସେ କାହାରିକୁ ଅନୁରୋଧ କରିବେ ନାହିଁ। କଂଗ୍ରେସରେ ମିଶିବା ପାଇଁ ପିସିସି ସଭାପତି ଏବେ ମଧ୍ୟ ତାଙ୍କୁ ଅନୁରୋଧ କରୁଛନ୍ତି। ସେହିପରି ଭାଜପା ଶୀର୍ଷ ନେତୃତ୍ୱଙ୍କ ସହ ମଧ୍ୟ ଆଲୋଚନା ହୋଇଛି। ସ୍ତ୍ରୀଙ୍କ ଅସୁସ୍ଥତା ହେତୁ ବୁଧବାର ଦିଲ୍ଲୀ ଗସ୍ତ କରିହେଲା ନାହିଁ। ଦିନେ ଦୁଇଦିନ ମଧ୍ୟରେ ପରବର୍ତ୍ତୀ ପଦକ୍ଷେପ ନେଇ ନିଷ୍ପତ୍ତି ନେବେ ବୋଲି ଦାମ କହିଛନ୍ତି।

### ଯୁବତୀଙ୍କୁ ପ୍ରତାରଣା କରି ଅନ୍ୟତ୍ର ବିବାହ ଯୋଜନା ଭଣ୍ଡୁର

# ପୋଲିସ ଭୟରେ ଅଧାରାସ୍ତାରୁ ଚମ୍ପଟ ମାରିଲେ ବର

ବାସୁଦେବପୁର/ସୋର, ୧୩।୩ (ଡି.ଏନ.ଏ.)

ପୋଲିସ ପିଛା କରୁଥିବା ଜାଣି ଧରାପଡ଼ିଯିବା ଭୟରେ ବର ବେଶ ହୋଇ ବିବାହ କରିବାକୁ ଯାଉଥିବା ଜଣେ ଯୁବକ ଅଧାବାଟରୁ କାର୍‌ରୁ ଓହ୍ଲାଇ ଚମ୍ପଟ ମାରିଛନ୍ତି। ସେ ଜଣେ ଯୁବତୀଙ୍କୁ ଭଲପାଇ ପ୍ରତାରଣା କରି ଅନ୍ୟତ୍ର ବିବାହ କରିବାକୁ ଯୋଜନା କରିଥିଲେ। ଏ ନେଇ ପ୍ରତାରିତା ଯୁବତୀ ବାସୁଦେବପୁର ଥାନାରେ ଅଭିଯୋଗ କରିଥିଲେ। ଏହାପରେ ପୋଲିସ ତନାଘନା ଆରମ୍ଭ କରିଥିଲା। ବିବାହ ପାଇଁ ବର ବେଶ ହୋଇ କାର୍‌ରେ ଯାଉଥିବା ଯୁବକ ପୋଲିସ ଆସୁଥିବା ଜାଣି ଅଧାରାସ୍ତାରୁ ଖସି ପଳାଇଯିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

ପୋଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତ ଭଦ୍ରକ ଜିଲା ବାସୁଦେବପୁର ଥାନା ଅଧୀନ ଜଗନ୍ନାଥପୁର ଗ୍ରାମର ଜିତେନ୍ଦ୍ର ନାୟକ। ପଡ଼ୁଆଁ ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହ କରିବାକୁ ପ୍ରତିଶ୍ରୁତି ଦେଇ ୩ ବର୍ଷ ଧରି ସମ୍ପର୍କ ରଖି ପରେ ସେ ପ୍ରତାରଣା କରିଥିଲେ। ଜିତେନ୍ଦ୍ର ଅନ୍ୟ ଜଣେ ଯୁବତୀଙ୍କୁ ବିବାହ କରିବାକୁ ଯାଉଥିବା ନେଇ ପୀଡ଼ିତା ମଙ୍ଗଳବାର ଥାନାର ଦ୍ୱାରସ୍ଥ ହୋଇ ଅଭିଯୋଗ କରିଥିଲେ। ଯୁବତୀଙ୍କ ଏତଲାକୁ ଭିତ୍ତିକରି ପୋଲିସ ଏକ ମାମଲା(ନଂ.୭୭/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ମଙ୍ଗଳବାର ରାତିରେ ପୋଲିସ ସଦଳବଳ ଯାଇ ଜିତେନ୍ଦ୍ରଙ୍କ ଘର ଓ ସୋର ଅଞ୍ଚଳର କନ୍ୟାଘରେ ପହଞ୍ଚି ତନାଘନା ଚଳାଇଥିଲା। ହେଲେ ଜିତେନ୍ଦ୍ରଙ୍କ ପତ୍ତା ମିଳିପାରି ନ ଥିଲା। ପରେ ବର ବିବାହ ହେବାକୁ ଯିବା ବାଟରେ ଖସି ଚାଲିଯାଇଥିବା ପୋଲିସକୁ ସୂଚନା ମିଳିଥିଲା। କନ୍ୟାଘରେ ବରଯାତ୍ରୀଙ୍କ ପାଇଁ ରନ୍ଧାଯାଇଥିବା ଖାଦ୍ୟ ନଷ୍ଟ ହୋଇଥିବା ଜଣାପଡ଼ିଛି। ବାହାଘର ପାଇଁ ଯାନିଯୌତୁକ ଦିଆଯାଇଥିବାରୁ କନ୍ୟାପକ୍ଷ ଲୋକେ ୨ ଜଣ ଲୋକଙ୍କୁ ଅଟକ ରଖିଥିବା ସୂଚନା ମିଳିଛି। ତେବେ ଏହି ଅଟକ ସମ୍ପର୍କରେ ପୋଲିସ ନିକଟରେ ଖବର ନ ଥିବା ଜଣାପଡ଼ିଛି।

# ଫକୀର ମୋହନ ଚେୟାର ସ୍ଥାପନ ଦାବି ତେଜିଲା

ବାଲେଶ୍ୱର ଅଫିସ,୧୩।୩

- ଫକୀର ମୋହନ ସାହିତ୍ୟ ପରିଷଦ ପକ୍ଷରୁ ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ଦିବସ ପାଳନ
- ଓଡ଼ିଆ ଭାଷାର ବିକାଶ ଲାଗି ଅଧିକ ଗବେଷଣା ଲୋଡ଼ା

ଓଡ଼ିଆ ଭାଷାର ପ୍ରାଚୀନତା ଓ ମୌଳିକତା ସର୍ବଜନବିଦିତ। ଓଡ଼ିଆ ଭାଷା ସୃଷ୍ଟିର ଆଦ୍ୟକାଳ ସମ୍ପର୍କରେ ବିଭିନ୍ନ ପ୍ରାମାଣିକ ତଥ୍ୟକୁ ନେଇ ଗବେଷକ ଓ ସମୀକ୍ଷକମାନେ ଏହାର ଗୁରୁତ୍ୱ ପ୍ରତିପାଦନ କରିଛନ୍ତି। ଏହି ଭାଷାକୁ ବିଳମ୍ବ ହେଲେ ବି ଶାସ୍ତ୍ରୀୟ ମାନ୍ୟତା ମିଳିବା ଏହାର ଗରିମାମୟ ଐତିହ୍ୟକୁ ପ୍ରମାଣିତ କରିଛି। ଓଡ଼ିଆ ଭାଷା ସାହିତ୍ୟର ବିକାଶ ଧାରା ଜାରି ରଖିବାକୁ ଅଧିକ ଗବେଷଣା, ଅଧ୍ୟୟନ ଓ ସାଧନା ଲୋଡ଼ା। ଏହି ପରିପ୍ରେକ୍ଷୀରେ ବାଲେଶ୍ୱରସ୍ଥିତ ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ଫକୀର ମୋହନ ଚେୟାର ସ୍ଥାପନ କରାଯାଉ ବୋଲି ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ଦିବସ ପାଳନ ଅବସରରେ ବହୁ ବକ୍ତା ଓ ଅତିଥି ମତବ୍ୟକ୍ତ କରିଛନ୍ତି।

ବାଲେଶ୍ୱର ଫକୀର ମୋହନ ସାହିତ୍ୟ ପରିଷଦ ପକ୍ଷରୁ ଆୟୋଜିତ ଏହି ସଭାରେ ବକ୍ତାମାନେ ଦର୍ଶାଇଥିଲେ ଯେ, ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳିବା ସମସ୍ତଙ୍କ ଲାଗି ଗର୍ବ ଓ ଗୌରବର ବିଷୟ। ଏହାର ବିକାଶ ଲାଗି ଏବେ ପଥ ପ୍ରଶସ୍ତ ହୋଇଛି। କେନ୍ଦ୍ରୀୟ ଭାରତୀୟ ଭାଷା ସଂସ୍ଥାନ ଓ କେନ୍ଦ୍ର ସାହିତ୍ୟ ଏକାଡେମୀ ପରାମର୍ଶରେ ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ନିଯୁକ୍ତ ଭାଷା ନିବେଷକ କମିଟି ଉକ୍ତ ଭାଷାର ପ୍ରାଚୀନତା ଓ ଗୁରୁତ୍ୱ ଉପଲବ୍ଧ କରିଥିଲେ। ସେମାନେ ଏହାକୁ ଶାସ୍ତ୍ରୀୟ ମାନ୍ୟତା ଦେବାକୁ ସୁପାରିସ କରିବା ପରେ ଓଡ଼ିଶାବାସୀଙ୍କ ବହୁଦିନର ଦାବି ପୂରଣ ହୋଇଥିଲା। ଶାସ୍ତ୍ରୀୟ ମାନ୍ୟତା ମିଳିବା ପରେ ଭାଷାର ବିକାଶ ସମ୍ଭାବନା ନେଇ ବିଭିନ୍ନ ସ୍ତରରେ ଉତ୍ସୁକତା ବୃଦ୍ଧି ପାଇଛି। ଆଧୁନିକ ଓଡ଼ିଆ ଗଦ୍ୟ ସାହିତ୍ୟର ଜନକ ତଥା ବ୍ୟାସକବି ଭାବେ ପରିଚିତ ଫକୀର ମୋହନଙ୍କ ନାମରେ ବାଲେଶ୍ୱରରେ ପ୍ରତିଷ୍ଠିତ ବିଶ୍ୱବଦ୍ୟାଳୟ ଏ ମାଟିର ସାରସ୍ୱତ ବୈଶିଷ୍ଟ୍ୟକୁ ରୁଦ୍ଧିମନ୍ତ କରିଛି। ଏଣୁ ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ଫକୀର ମୋହନ ସାହିତ୍ୟ ଉପରେ ବିଶେଷ ଆଲୋଚନା ସହ ଏ ଦିଗରେ ଅଧିକ ଗବେଷଣା ହେବା ଦରକାର। ଫକୀର ମୋହନ ଚେୟାର ପ୍ରତିଷ୍ଠା ଏ ଦିଗରେ ଉପଯୁକ୍ତ ପଦକ୍ଷେପ ହେବ ବୋଲି ବକ୍ତାମାନେ ଗୁରୁତ୍ୱାରୋପ କରିଥିଲେ।

ଏହି ସାନ୍ଧ୍ୟ ଆଲୋଚନା ପର୍ବରେ ଅନୁଷ୍ଠାନର ସଭାପତି ଡ. ଶିରିଶ ଜେନା ସଭାପତିତ୍ୱ କରିଥିଲେ। ଡ. ପ୍ରହଲ୍ଲାଦ ଚରଣ ମହାନ୍ତି ମୁଖ୍ୟଅତିଥି ଓ ପୂର୍ବତନ ସଭାପତି ଡ. ହରିଶ୍ଚନ୍ଦ୍ର ବେହେରା ଆଲୋଚକ ଭାବେ ଯୋଗଦେଇ ଓଡ଼ିଆ ଭାଷାର ଗରିମା ଉପରେ ଆଲୋକପାତ କରିଥିଲେ। ସମ୍ପାଦକ ଡା. ଗୋପାଳ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳିବା ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଡ. ହରିଶ୍ ବେହେରା ଓଡ଼ିଆ ଭାଷାର ଆଧୁନିକ ଓ ଉତ୍ତର ଆଧୁନିକ ଯୁଗର ସାରସ୍ୱତ ବିଭବ ସମ୍ପର୍କରେ ସୂଚନା ପ୍ରଦାନ କରି ଓଡିଆ ସାହିତ୍ୟ କୌଣସି ଭୌଗୋଳିକ ସୀମା ସରହଦ ମଧ୍ୟରେ ସୀମିତ ନୁହେଁ ବୋଲି ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଦୀପ ଚାଟାର୍ଜୀ, ତପନ ରାୟ, କଲ୍ୟାଣୀ ନନ୍ଦ, ସଞ୍ଜୟ ପଣ୍ଡା, ସୁବ୍ରତା ମହାନ୍ତି, ଜ୍ୟୋସ୍ନା ରାୟ, ଅରୁଣା ରାୟ, ସ୍ନିଗ୍ଧା ସାମନ୍ତ ରାୟ, ସୁଷମା ମହାପାତ୍ର, ବାସନ୍ତୀ ଦେ ପ୍ରମୁଖ ଉପସ୍ଥିତ ଥିଲେ। ଦୀନବନ୍ଧୁ ଲେଙ୍କା, ନିବାରଣ ଜେନା, ମଧୁସୂଦନ ମାଝି, ବିଦ୍ୟାଧର ସାହୁ, ସୁଚିତ୍ର ସାହୁ, ଓମ୍ ସାଇକୃଷ୍ଣ ସାହୁ, ଚିତ୍ରାରାଣୀ ପାତ୍ର, ଶରତ ମହାପାତ୍ର, ଦେବାଶିଷ ସିଂହ, ଡା. ସନାତନ ଦାସ, ପ୍ରବୀର କୁମାର କାମିଲା, ତୃପ୍ତିରାଣୀ ପାତ୍ର, ଅବନ୍ତୀ ପ୍ରଧାନ, ଗୀତାରାଣୀ ପୁରି ପ୍ରମୁଖ ବହୁ ପ୍ରତିଭା ଓ ସାରସ୍ୱତ ସାଧକ ଉପସ୍ଥିତ ଥିଲେ। ଶେଷରେ ସହସମ୍ପାଦକ କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।



ଫକୀର ମୋହନ ସାହିତ୍ୟ ପରିଷଦ ପକ୍ଷରୁ ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ଦିବସ ପାଳନ ଉତ୍ସବରେ ଉପସ୍ଥିତ ଅତିଥିଙ୍କ ଗହଣରେ ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଉଛି।

# ନିଖୋଜ ନାବାଳକଙ୍କ ପତ୍ତା ପାଉନି ପୋଲିସ

ତିର୍ତ୍ତୋଲ,୧୩।୩(ଡି.ଏନ.ଏ.)

ତିର୍ତ୍ତୋଲ ଥାନା ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମର ଭିମସେନ ବାରିକଙ୍କ ପୁଅ ସୁଜିତ(୧୫)ମଙ୍ଗଳବାରଠାରୁ ନିଖୋଜ ହୋଇଛନ୍ତି। ଏ ନେଇ ଭିମସେନ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ରୁଜୁକରି ଅନୁସନ୍ଧାନ ଜାରି ରଖିଛି। ହେଲେ ଏ ପର୍ଯ୍ୟନ୍ତ ତାଙ୍କ ପତ୍ତା ପାଇ ପାରିନାହିଁ। ଅନ୍ୟପକ୍ଷରେ ସୁଜିତଙ୍କ ନିଖୋଜକୁ ନେଇ ନାନାକଥା ଶୁଣିବାକୁ ମିଳୁଛି। ଭିମସେନଙ୍କ ଅଭିଯୋଗ ଅନୁସାରେ, ଗ୍ରାମର ଗୋଟିଏ ପରିବାରର ଦୁଇଭାଇ ଆସି ସୁଜିତଙ୍କୁ ଘରୁ ଡାକି ନେଇଥିଲେ। ଏମାନଙ୍କ ସହ ସୁଜିତ ଯାଇଥିବା ଅନ୍ୟ ଲୋକ ଦେଖିଥିଲେ। ପରେ ସେହି ଦୁଇଭାଇ ସୁଜିତଙ୍କୁ ଗ୍ରାମ ମଝିରେ ମାରଧର କରିଥିଲେ। ଏପରିକି ସୁଜିତଙ୍କୁ ଜୀବନରୁ ମାରିଦେବା ପାଇଁ ସେମାନେ ଧମକ ଦେଇଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି। ପୋଲିସ ତାଙ୍କ ପୁଅକୁ ଡାକିନେଇଥିବା ଦୁଇ ଭାଇଙ୍କୁ ଥାନାକୁ ଡାକି ପଚରାଉଚରା କରିଛି। ହେଲେ ଘଟଣା ଘଟିବାର ୨୪ ଘଣ୍ଟା ପରେବି କୌଣସି ସନ୍ଧାନ ନମିଳିବାରୁ ବୁଧବାର ପୂର୍ବାହ୍ନରେ ପରିବାର ଲୋକ ଥାନାକୁ ଆସି ହତାଶ ହୋଇଥିଲେ। ପୋଲିସ ଶୀଘ୍ର ଏହି ଘଟଣା ସମ୍ପର୍କରେ ପଦକ୍ଷେପ ନେବ ବୋଲି ପ୍ରତିଶ୍ରୁତି ଦେଇଛି। ସୁଜିତ ଏ ବର୍ଷ ମାଟ୍ରିକ ପରୀକ୍ଷା ଦେଉଥିଲେ। ଘଟଣା ସମ୍ପର୍କରେ ଥାନାରେ ନଂ-୭୪/୧୯ରେ ମାମଲା ରୁଜୁ ହୋଇଛି।

### ଆଇସିଜେଡ୍‌ଏମ୍‌ପି ରାସ୍ତାରେ ଚାଲୁଛି କଙ୍କରର ଭାରିଯାନ

# ଆପତ୍ତି ଉଠାଇଲା ପୌର ପରିଷଦ

ପାରାଦୀପ,୧୩।୩(ସ୍ୱ.ପ୍ର.)

- ଆହୁରି ଭଲ ରାସ୍ତା କରିବାକୁ ପାରାଦୀପ ବନ୍ଦରର ପ୍ରତିଶ୍ରୁତି
- ରାସ୍ତାର ସ୍ଥାୟିତ୍ୱକୁ ନେଇ ବନ୍ଦର ଓ ପୌରପରିଷଦ ମଧ୍ୟରେ ମନାନ୍ତର

ପାରାଦୀପ ଉପକଣ୍ଠ ପିପିଏଲ୍ ସଂଲଗ୍ନ ରାସ୍ତା ରଙ୍ଗିଆଗଡ଼ ଉପାନ୍ତରେ ଦୁଇଟି ବିଶ୍ୱସ୍ତରୀୟ ପ୍ରକଳ୍ପ ନିର୍ମାଣାଧୀନ ରହିଛି। ହେଲେ ଏବେ ସେହି ପ୍ରକଳ୍ପକୁ ସଂଯୋଗ କରୁଥିବା ରାସ୍ତାର ସ୍ଥାୟିତ୍ୱକୁ ନେଇ ପାରାଦୀପ ବନ୍ଦର ଓ ପୌରପରିଷଦ ମଧ୍ୟରେ ମନାନ୍ତର ସୃଷ୍ଟି ହୋଇଛି। ଏହାକୁ ନେଇ ପରସ୍ପର ମଧ୍ୟରେ ଚିଠି ମାଧ୍ୟମରେ ଆଲୋଚନା ଜାରି ରହିଛି। ଏହି ପ୍ରକଳ୍ପ ୨ଟି ମଧ୍ୟରେ ଗୋଟିଏ ବିଶ୍ୱବ୍ୟାଙ୍କ ଅର୍ଥରେ ନିର୍ମାଣ ହେଉଛି କଠିନ ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପ। ଏହାକୁ ନିର୍ମାଣ କରୁଛି ଆଇସିଜେଡ୍‌ଏମ୍‌ପି(ଇଣ୍ଟିଗ୍ରେଟେଡ୍ କୋଷ୍ଟାଲ ଜୋନ୍ ମ୍ୟାନେଜମେଣ୍ଟ ପ୍ରୋଜେକ୍ଟ) ବା ସମନ୍ୱିତ ଉପକୂଳ ପରିଯୋଜନା ପ୍ରକଳ୍ପ। ଯାହାର ନୋଡାଲ ଅଫିସ ହେଉଛି ପାରାଦୀପ ପୌର ପରିଷଦ। ଅନ୍ୟଟି ହେଲା ଏମ୍‌ଏମ୍‌ଏଲ୍‌ପି(ମଲ୍ଟି ମୋଡାଲ ଲଜେଷ୍ଟିକ ପାର୍କ)। ଏହାକୁ ନିର୍ମାଣ କରୁଛି ଅନ୍ୟତମ ରାଷ୍ଟ୍ରାୟତ ଉଦ୍ୟୋଗ କଙ୍କର। ଏହାର ତତ୍ତ୍ୱାବଧାରକ ହେଉଛି ପାରାଦୀପ ବନ୍ଦର। ଦୁଇଟି ଯାକ ପ୍ରକଳ୍ପ ଦୁଇ ସଂସ୍ଥାର ସୁଦୂର ପ୍ରସାର ଲକ୍ଷ୍ୟ ସାଧନ କରିବ ବୋଲି କୁହଯାଉଛି। ଯଥା କଠିନ ବର୍ଜ୍ୟବସ୍ତୁ ପ୍ରକଳ୍ପରେ ପୌରାଞ୍ଚଳରୁ ଦୈନିକ ବାହାରୁଥିବା ୬୦ଟନ୍ ବର୍ଜ୍ୟକୁ ପ୍ରକ୍ରୀୟାକରଣ କରାଯାଇ ସେଥିରୁ ଖତ ଓ ଅନ୍ୟାନ୍ୟ ସାମଗ୍ରୀ ତିଆରି ହେବ। ଏଥିପାଇଁ ବିଶ୍ୱବ୍ୟାଙ୍କ ୪୨.୭୦କୋଟି ଟଙ୍କା ମଞ୍ଜୁର କରିଛନ୍ତି। ୫୦ ଏକର ଜାଗା ମଧ୍ୟରୁ ୩୦ଏକର ଜମିରେ ଏହି ପ୍ରକଳ୍ପ ହେବ। ଅବଶିଷ୍ଟ ୨୦ ଏକରରେ ବନୀକରଣ ହେବ, ଉକ୍ତ ୫୦ ଏକର ପ୍ରକଳ୍ପ ଅଞ୍ଚଳରେ ପାଚେରି ଓ ସଂଯୋଗ ରାସ୍ତା ପାଇଁ ପୌରପାଳିକା ପାଖାପାଖି କୋଟିଏ ଟଙ୍କା ଖର୍ଚ୍ଚ କରୁଛି। ସେଥିରେ ପ୍ରକଳ୍ପ ପାଇଁ ୮୬ ଲକ୍ଷ ଟଙ୍କା ରହିଛି।

ସେହିପରି ୬୩ ମିଟର ସଂଯୋଗ ରାସ୍ତା ପାଇଁ ୨.୫୮ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ୫ ନଂ(କ)ଜାତୀୟ ରାଜପଥରୁ ପିପିଏଲ୍ କାରଖାନାକୁ ଯେଉଁ ରାସ୍ତା ରହିଛି ସେହି ରାସ୍ତାଠାରୁ ପ୍ରକଳ୍ପଯାଏ ମହରମ ରାସ୍ତା ହୋଇଛି। ଏହି ପ୍ରକଳ୍ପ ପାଖରେ ପାରାଦୀପ ବନ୍ଦର ପାଇଁ ମଲ୍ଟି ମୋଡାଲ ଲଜେଷ୍ଟିକ୍ ପାର୍କ ନିର୍ମାଣ ହେଉଛି। ଏଥିରେ ଜାହାଜରେ ପଣ୍ୟ କାରବାର ପାଇଁ କଣ୍ଟେନର୍ ତିଆରି ହେବ। ଉକ୍ତ କଣ୍ଟେନର୍ ପୂର୍ବରୁ ଓଡ଼ିଶାରେ ନାହିଁ। ବନ୍ଦର ବ୍ୟବହାରକାରୀ ସଂସ୍ଥାମାନେ କଲିକତା କିମ୍ବା ଗୁଜରାଟରୁ ଏହାକୁ କିଣିକି ଆଣୁଥିଲେ। ଏଥିପାଇଁ ଅଧିକ ଖର୍ଚ୍ଚ ବହନ କରିବାକୁ ପଡୁଥିଲା। ସେହି ଏମ୍‌ଏମ୍‌ଏଲ୍‌ପିକୁ କଙ୍କର ନାମକ ସଂସ୍ଥା ନିର୍ମାଣ କରୁଛି। କଙ୍କରଠାରୁ ପାରାଦୀପର ଏକ ଠିକାସଂସ୍ଥା କାମ ନେଇ କରୁଛି। ସେହି ଠିକାସଂସ୍ଥାର ଭାରୀଯାନ କଠିନ ବର୍ଜ୍ୟବସ୍ତୁ ପ୍ରକଳ୍ପ ପାଇଁ ତିଆରି କରାଯାଇଥିବା ରାସ୍ତାକୁ ବ୍ୟବହାର କରୁଛି। ଭାରୀଯାନ ଯାତାୟାତ ହେବା ଦ୍ୱାରା ଉକ୍ତ ରାସ୍ତା ଖରାପ ହେଉଛି ବୋଲି ପୌର ପରିଷଦ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି କୁହିଛନ୍ତି, ରାସ୍ତା ଖରାପ ହେଉଥିବାରୁ ଆମେ ସମ୍ପୃକ୍ତ ସଂସ୍ଥା ଓ ବନ୍ଦର ବିଭାଗୀୟ ଅଧିକାରୀଙ୍କୁ ଚିଠି କରିଛୁ। ଯଦି ଏହାର ସମାଧନ ନ ହୁଏ କ୍ଷତିପୂରଣ ପାଇଁ ପଦକ୍ଷେପ ନେବୁ। ସେହିପରି ବନ୍ଦର ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଆର.ଡି. ମହାପାତ୍ର କହିଛନ୍ତି, ଏବେ ରାସ୍ତା ଖରାପ ହୋଇନାହିଁ। କାମ ଚାଲୁ। ରାସ୍ତା ଖରାପ ହେଲେ ତାକୁ ମରାମତି କରି ପୂର୍ବଠାରୁ ଆହୁରି ମଜଭୁତ୍ କରିଦେବୁ। କଙ୍କର ଏକ ସରକାରୀ ସଂସ୍ଥା। ସେ ଏପରି ଭୁଲ୍ କରିବ ନାହିଁ।



ପୌରପରିଷଦ ପକ୍ଷରୁ କରାଯାଇଥିବା ରାସ୍ତା।








3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଯେଉଁମାନେ ଅନ୍ୟର ଅମଙ୍ଗଳ ଚିନ୍ତା କରନ୍ତି ନାହିଁ, ସେମାନେ କାହାକୁ ସନ୍ଦେହ କରିବେ ନାହିଁ।
- ବେନ୍ ଜନସନ



## ସଂକ୍ଷେପରେ

### ରାସ୍ତା ପାର୍ଶ୍ୱରୁ ହୋର୍ଡିଂ, ବ୍ୟାନର ହଟାଇବା ପାଇଁ ତତ୍ପରତା

**ବିରଜାକ୍ଷେତ୍ର,୧୩।୩(ଡି.ଏନ୍.ଏ):** ଚଳିତ ନିର୍ବାଚନ ନିମନ୍ତେ ଆଚରଣ ବିଧି ଲାଗୁ ହେଲା ପରେ ରାସ୍ତାପାର୍ଶ୍ୱରୁ ରାଜନୈତିକ ଦଳର ହୋର୍ଡିଂ ଓ ବ୍ୟାନର ଉଚ୍ଛେଦ ପାଇଁ ୨ ଅଧିକାରୀ ତତ୍ପର ହୋଇଉଠିଛନ୍ତି। ଯାଜପୁର ତହସିଲଦାର ସୁନୀଲ କୁମାର ମେହେର ଓ ବିଡିଓ ସୌରଭ ଚକ୍ରବର୍ତ୍ତୀ ବୁଧବାର ଯାଜପୁର-ବରୁଆଁ ରାସ୍ତାପାର୍ଶ୍ୱରେ ଲାଗିଥିବା ହୋର୍ଡିଂ ଓ ବ୍ୟାନରକୁ ଉଚ୍ଛେଦ କରିଛନ୍ତି। ସେହିପରି ଉପରୋକ୍ତ ୨ ଅଧିକାରୀ ଝାଲପଡ଼ା ପଞ୍ଚାୟତର ବିଭିନ୍ନ ସ୍ଥାନରେ ଲାଗିଥିବା ରାଜନୈତିକ ଦଳର ହୋର୍ଡିଂ ଓ ବ୍ୟାନରକୁ ଉଚ୍ଛେଦ କରିବା ସହ ଝାଲପଡ଼ା ନଦୀବନ୍ଧ ରାସ୍ତାରେ ଥିବା ବ୍ୟାନର ଓ ହୋର୍ଡିଂକୁ ଉଚ୍ଛେଦ କରିଛନ୍ତି। ବରୀ-ବରୁଆଁ ରାସ୍ତାର ସୁଜନପୁର, ସାହାସପୁର, ଏରବାଙ୍ଗ ପ୍ରଭୃତି ଛକରେ ଥିବା ହୋର୍ଡିଂ ଓ ବ୍ୟାନରକୁ ଉଚ୍ଛେଦ କରାଯାଇଛି ବୋଲି ବିଡିଓ ସୌରଭ ଚକ୍ରବର୍ତ୍ତୀ ସୂଚନା ଦେଇଛନ୍ତି। ବିଭିନ୍ନ ପଞ୍ଚାୟତରେ ଲାଗିଥିବା ହୋର୍ଡିଂ ଓ ବ୍ୟାନରକୁ ଖୋଲିବା ପାଇଁ ସମ୍ପୃକ୍ତ ପଞ୍ଚାୟତର ପଞ୍ଚାୟତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହାକୁ ଖିଲାପ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଡିଓ ସୂଚନା ଦେଇଥିଲେ। ଏପରିକି ଯାଜପୁର ବ୍ଲକର ୨୬ ପଞ୍ଚାୟତରୁ ବିଭିନ୍ନ ରାଜନୈତିକ ଦଳର ହୋର୍ଡିଂ ଓ ବ୍ୟାନର ଖୋଲାଯାଇଛି। ଯଦି କେଉଁ ପଞ୍ଚାୟତରେ କାଁଭାଁ ହୋର୍ଡିଂ ବ୍ୟାନର ଲାଗିଥିବ, ତାକୁ ତୁରନ୍ତ ଖୋଲିବା ପାଇଁ ପଞ୍ଚାୟତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏପିରିକି ଆବଶ୍ୟକ ପଡ଼ିଲେ ସେ ନିଜେ ବୁଲୁଛନ୍ତି ବୋଲି ସୂଚନା ଦେଇଥିଲେ।

### ଗୋ-ନବରାତ୍ର ସୁରଭି ମହାଯଜ୍ଞ ଆରମ୍ଭ
### ଯଜ୍ଞମଣ୍ଡପରେ ପହଞ୍ଚିଲା ମା' ବିରଜାଙ୍କ ଆଜ୍ଞାମାଳ



**ରସୁଲପୁର,୧୩।୩(ଡି.ଏନ.ଏ.):** ରସୁଲପୁର ଓ ଯାଜପୁର ବ୍ଲକର ସୀମାବର୍ତ୍ତୀ ଅଞ୍ଚଳରେ ବିଶାଳ ଗୋ-ନବରାତ୍ର ସୁରଭି ମହାଯଜ୍ଞ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଯଜ୍ଞୋତ୍ସବକୁ ନେଇ ରସୁଲପୁର ବ୍ଲକର ବ୍ରହ୍ମବରଦା, ଯାଜପୁର ବ୍ଲକର ଝଲପଡା, କାକୁଡିକୁଦ, ନୀଳକଣ୍ଠପୁର ଆଦି ପଞ୍ଚାୟତର ଜନସାଧାରଣଙ୍କ ମଧ୍ୟରେ ଭକ୍ତିଭାବ ଜାଗ୍ରତ ହୋଇଥିଲା। ଏହି ଅବସରରେ ମଙ୍ଗଳବାର ପ୍ରାତଃରୁ ସୁରେନ୍ଦ୍ର ସାହୁଙ୍କ ନେତୃତ୍ୱରେ ଏକ ସଂକୀର୍ତ୍ତନ ମଣ୍ଡଳୀଙ୍କ ସହ ପଣ୍ଡିତ ରଘୁନାଥ ଜେମା, ରତିକାନ୍ତ ତ୍ରିପାଠୀ ପ୍ରମୁଖ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ନିକଟରେ ପୂଜାର୍ଚ୍ଚନା କରିବା ପୂର୍ବକ ଆଜ୍ଞାମାଳ ସହ ଯଜ୍ଞମଣ୍ଡପ ନିକଟରେ ପହଞ୍ଚିଥିଲେ। ଏଥିସହ ବିଭିନ୍ନ ପଞ୍ଚାୟତର ଶତାଧିକ ମହିଳାଙ୍କୁ ନେଇ ୧୦୮ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସରପଞ୍ଚ ନିର୍ମଳ ସାମଲ କଳସ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଯଜ୍ଞ ପାଇଁ ଅଧିବାଶ ଓ କୁଣ୍ଡମଣ୍ଡଳ ପୂଜା ଅନୁଷ୍ଠିତ ହୋଇଯାଇଛି। ବିହାର ରାଜ୍ୟର ସନ୍ଥ ସତ୍‌ପାଲ ମହାରାଜଜୀ, ସୁବିତ୍ କୁମାର, ପଣ୍ଡିତ ଅନିରୁଦ୍ଧ ପଣ୍ଡା, ରମେଶ ପାଢ଼ୀ, ମନୋଜ ଆଚାର୍ଯ୍ୟ, ନରହରି ପଣ୍ଡା, ଅଭିମନ୍ୟୁ ଷଡ଼ଙ୍ଗୀ ପ୍ରମୁଖ ଯଜ୍ଞ କାର୍ଯ୍ୟରେ ଯୋଗଦାନ କରିଥିଲେ। ସନ୍ଧ୍ୟାରେ ସନ୍ଥଙ୍କ ଦ୍ୱାରା ପ୍ରବଚନ ଦିଆଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ହଜାର ହଜାର ଶ୍ରଦ୍ଧାଳୁ ଅଂଶଗ୍ରହଣ କରି ଆଶିଷ ଲାଭ କରିଥିଲେ।

### ମଦ ଜବତ, ୨ ଗିରଫ

**ବିରଜାକ୍ଷେତ୍ର,୧୩।୩(ଡି.ଏନ୍.ଏ):** ଯାଜପୁର ପୋଲିସ ବିଭିନ୍ନ ସ୍ଥାନ ଉପରେ ଚଢ଼ାଉ କରି ଦେଶୀ ମଦ ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛି। ଗିରଫ ବ୍ୟକ୍ତି ଦ୍ୱୟ ହେଲେ ମୋଟରଙ୍ଗାପାଳ ଗ୍ରାମର ବଳରାମ ବେହେରା ଓ ଭରତ ବେହେରା। ବଳରାମ ହେଡ଼ାପଡ଼ିଆରେ ବେଆଇନ ଭାବେ ଦେଶୀ ମଦ ବିକ୍ରି କରୁଥିବାବେଳେ ଭରତ ସହରର କିଆନାଳୀକୂଳ ଛକ ନିକଟ ଏକ କ୍ୟାବିନ ପଛପଟେ ବିକ୍ରି କରୁଥିଲେ। ଏହି ସମୟରେ ପୋଲିସ ଉଭୟ ସ୍ଥାନରେ ଚଢ଼ାଉ କରି ମଦ ଜବତ କରିବା ସହ ସେମାନଙ୍କୁ ଗିରଫ କରିଥିଲା। ତେବେ କିଆନାଳୀକୂଳ ଛକରେ ଅବକାରୀ କାର୍ଯ୍ୟାଳୟ ଥିବାବେଳେ ଏହି ଅଞ୍ଚଳରୁ ପୋଲିସ ଚୋରା ମଦ ବ୍ୟବସାୟୀଙ୍କୁ ଗିରଫ କରି ମଦ ଜବତ କରୁଛି, ମାତ୍ର ଅବକାରୀ ବିଭାଗ ଏହାର ସୁରାକ ପାଉ ନ ଥିବା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

■ ପୁଣି ବିବାଦରେ ଜଳଛାୟା ବିଭାଗ

# ଏସ୍‌ଏଚ୍‌ଜିକୁ ଢାଲ କରି ଅର୍ଥ ହଡ଼ପ

**ରସୁଲପୁର,୧୩।୩(ଡିଏନଏ)**

■ ଜିଲାପାଳ, ପ୍ରକଳ୍ପ ନିର୍ଦ୍ଦେଶକଙ୍କ ନିକଟରେ ଅଭିଯୋଗ
■ ଗୋଷ୍ଠୀ ସମ୍ପାଦିକା-ସଭାନେତ୍ରୀ ମୁହାଁମୁହିଁ
■ ଥାନାରେ ପହଞ୍ଚିଲା ମାମଲା

ରସୁଲପୁର ବ୍ଲକରେ ଜଳଛାୟା ବିଭାଗର ବିବାଦ ପିଛା ଛାଡୁନି। କାର୍ଯ୍ୟରେ ଅନିୟମିତା, ପ୍ରକଳ୍ପ କାର୍ଯ୍ୟକାରୀ ସମୟରେ ଆଇନକାନୁନ୍ ପ୍ରତି ଆଖିବୁଜି ଦେଇ ପ୍ରକଳ୍ପ କାର୍ଯ୍ୟ ଚଳାଇବା, ପ୍ରକଳ୍ପ ପରିଚାଳନା ଦାୟିତ୍ୱରେ ଥିବା କମିଟି ଗଠନରେ ଅନିୟମିତତା ପ୍ରଦର୍ଶନ କରିବା ଭଳି ସାଂଘାତିକ ଅଭିଯୋଗ ବିଭାଗ ନାଁରେ ରହିଆସୁଛି। ଏବେ ସ୍ୱୟଂ ସହାୟିକା ଗୋଷ୍ଠୀ(ଏସ୍‌ଏଚ୍‌ଜି)ଅର୍ଥ ହଡ଼ପ କରିବା ପାଇଁ ନୂଆ ଉପାୟ ଅବଲମ୍ବନ କରିଛି। ଗୋଷ୍ଠୀ ସମ୍ପାଦିକାଙ୍କୁ ଢାଲ କରି ବିଭାଗ ଲକ୍ଷ ଲକ୍ଷ ଟଙ୍କା ହଡ଼ପ କରିଥିବା ଭଳି ଆଉ ଏକ ନୂଆ ଅଭିଯୋଗ ଗତ ଶୁକ୍ରବାର ଯାଜପୁର ଜିଲାପାଳ, ପ୍ରକଳ୍ପ ନିର୍ଦ୍ଦେଶକଙ୍କ ନିକଟରେ ହୋଇଛି। ବିଭାଗ ପକ୍ଷରୁ ଗୋଷ୍ଠୀ ସମ୍ପାଦିକାଙ୍କୁ ଢାଲ କରାଯାଇ ପ୍ରତ୍ୟେକ ସଦସ୍ୟଙ୍କ ନାଁରେ ୨ହଜାର ଟଙ୍କା ଲଖାଏଁ ଉଠାଇ ନିଆଯାଇଛି। ଏ ସମ୍ପର୍କରେ ସଭାପତି ଓ ସଦସ୍ୟଙ୍କୁ ଅନ୍ଧାରରେ ରଖାଯାଇଛି। ଏଭଳି ଘଟଣା ଏହି ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତରେ ଘଟିଛି। ଭୋଟକା ଗ୍ରାମର ୫ଟି ଗୋଷ୍ଠୀ ନାଁରେ ଟଙ୍କା ହଡପ ହୋଇଥିବା କୁହାଯାଉଛି। ଏ ନେଇ ପଞ୍ଚାୟତରେ ୧୫ ଅଗଷ୍ଟ, ୨୦୧୨ରେ ଗଠନ ହୋଇଥିବା ବାବା ବିଶ୍ୱନାଥ ସ୍ୱୟଂସହାୟକ ଗୋଷ୍ଠୀ ପକ୍ଷରୁ ଶୁକ୍ରବାର ଯାଜପୁର ଜିଲାପାଳ ଓ ଜିଲା ଜଳଛାୟା ପ୍ରକଳ୍ପ ନିକଟରେ ଅଭିଯୋଗ ହୋଇଛି। ଏହାପରେ ବିଭାଗର ପ୍ରକୃତ ପରିଚୟ ପଦାରେ ପଡ଼ିଛି। ଏ ଦିଗରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି। ଏ ନେଇ ବିବାଦ ଥାନାରେ ପହଞ୍ଚିଛି। ମଙ୍ଗଳବାର ଏହି ଘଟଣାକୁ ନେଇ ଗୋଷ୍ଠୀ ସମ୍ପାଦିକାଙ୍କୁ ସଭାନେତ୍ରୀ ପ୍ରଶ୍ନ କରିବା ପରେ ଉଭୟଙ୍କ ମଧ୍ୟରେ ମୁହାଁମୁହିଁ ହୋଇଥିଲା। ସମ୍ପାଦିକା, ସଭାନେତ୍ରୀ ରୀନା ମଲିକଙ୍କୁ ଜାତିଆଣ ଆକ୍ଷେପ କରି ଗାଳିଗୁଲଜ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଅଭିଯୋଗକୁ ଗ୍ରହଣ କରିବା ସହ ଉଭୟ ପକ୍ଷଙ୍କୁ ଡାକି ଆଲୋଚନା କରିବ ବୋଲି କହିଛନ୍ତି।

ପ୍ରକାଶ ଯେ, ଭୋଟକା ପଞ୍ଚାୟତରେ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନାରେ ପୋଖରୀ ଖନନ କରି ଚାଷ ଜମିକୁ ପାଣି ଯୋଗାଯିବ। ଏଥିସହ ପୋଖରୀରେ ମାଛ ଚାଷ କରି କୃଷକ ଓ କୃଷି ପରିବାରକୁ ସମୃଦ୍ଧ କରାଯିବାକୁ ନେଇ ଯୋଜନା ପ୍ରସ୍ତୁତ ହେଉଛି। ଏହି ଯୋଜନା ପଞ୍ଚାୟତରେ ବାଟବଣା ହେଉଛି । ଭୋଟକା ଗ୍ରାମର ଜଳଧର ପାଟରୁ ମୂଳ ଖରସ୍ରୋତା ନଦୀକୁ ବହି ଯାଉଥିବା ବର୍ଷାଜଳ ପାଇଁ ଉଦ୍ଦିଷ୍ଟ ବଡ ନାଳରୁ ଅଳିଆ, ଆବର୍ଜନା ଓ ଅନାବନା ଗଛକୁ ସଫା କରାଯାଇ ଟଙ୍କା ହଡପ କରାଯାଉଛି । ନାଳରେ ପୂର୍ବରୁ ଥିବା ଏକ ଆଡିବନ୍ଧକୁ ମରାମତି କରାଯାଇ ଟଙ୍କା ହଡପ କରାଯାଇଛି। ଏହି ନାଳରେ ବିଭାଗ ଏକାଧିକବାର କାର୍ଯ୍ୟ କରି ଟଙ୍କା ହଡ଼ପ କରିଥିବା ନେଇ ଗ୍ରାମବାସୀଙ୍କ ପକ୍ଷରୁ ନାନା ସମୟରେ ଅଭିଯୋଗ ହୋଇଛି । ଏହାଛଡା ଶୁଖିଲା ନାଳରେ ମାଛ ଚାଷ କରିବା ପାଇଁ ବିଭାଗ ପକ୍ଷରୁ ପ୍ରାୟସ କରାଯାଇଛି । ଏହି କାର୍ଯ୍ୟ ପାଇଁ ସ୍ୱୟଂସହାୟିକା ଗୋଷ୍ଠୀକୁ ବ୍ୟବହାର କରାଯାଇଛି। ମହିଳାଙ୍କୁ ସ୍ୱାବଲମ୍ବୀ କରିବା ସହ ପରିବାରର ଆର୍ଥିକ ସ୍ଥିତି ସୁଦୃଢ କରିବା ପାଇଁ ରହିଥିବା ଉଦ୍ଦେଶ୍ୟ ଲକ୍ଷ୍ୟଚ୍ୟୁତ ହୋଇଛି। ପ୍ରତ୍ୟେକ ଗୋଷ୍ଠୀର ସଦସ୍ୟ ପିଛା ୨ହଜାର ଟଙ୍କା ଲେଖାଏଁ ଅନ୍ୟୁନ ୨୦ ହଜାରରୁ ୪୦ହଜାର ଟଙ୍କା ପର୍ଯ୍ୟନ୍ତ ଅର୍ଥ ପ୍ରଦାନ କରାଯାଇଛି। ଉକ୍ତ ଅର୍ଥ ସମ୍ପର୍କରେ ଗୋଷ୍ଠୀ ସଭାପତି ଓ ସଦସ୍ୟ ଅଗୋଚର ଥିବା ଜଣାପଡ଼ିଛି। ଏ ନେଇ ବିଭାଗ ପକ୍ଷରୁ ଗୋଷ୍ଠୀଙ୍କୁ ଅବଗତ କରାଯାଇ ନ ଥିବା ବେଳେ କେବଳ ଗୋଷ୍ଠୀର ସମ୍ପାଦିକାଙ୍କୁ ହାତବାରିସି କରି ଅର୍ଥ ହରିଲୁଟ କରାଯାଇଛି। ପରେ ଗୋଷ୍ଠୀ ସଦସ୍ୟ ଏ ସମ୍ପର୍କରେ ଜାଣିବା ପରେ ବିଭାଗ ସହ ପରାମର୍ଶ କରିଥିଲେ ହେଁ ସେମାନଙ୍କୁ କୌଣସି ସହଯୋଗ କରାଯାଇ ନାହିଁ। ଏଭଳି ଆଚରଣ ବିଭାଗୀୟ ଅଧିକାରୀଙ୍କ ଭୂମିକାକୁ ସନ୍ଦେହ ଘେରକୁ ଟାଣିଆଣିଛି। ଘଟଣାକ୍ରମେ ଗୋଷ୍ଠୀର ସଭାନେତ୍ରୀ ଓ ସଦସ୍ୟ ନିରାଶ ହୋଇ ଜିଲାପାଳ ରଞ୍ଜନ କୁମାର ଦାସ ଓ ଜିଲା ଜଳଛାୟା ପ୍ରକଳ୍ପ ଅଧିକାରୀ ରଞ୍ଜିତ ଦାସଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହା ପର୍ବରୁ ବିଭାଗ ନାଁରେ ଅନେକ ଅଭିଯୋଗ ହୋଇଆସିଛି । ମାତ୍ର ପ୍ରକଳ୍ପ ଅଧିକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଚଳିତଥର ବି ସମାନ ସ୍ଥିତି ଉପୁଜିପାରେ ବୋଲି ସନ୍ଦେହ କରାଯାଉଛି। ନ୍ୟାୟ ପାଇବାକୁ ନେଇ ଅଭିଯୋଗକାରୀଙ୍କ ମନରେ ସନ୍ଦେହ ଉପୁଜିଛି।

### ଦ୍ରବ୍ୟ, ସେବାକର ତାଲିମ ଶିବିର

**ଯାଜପୁର ଅଫିସ,୧୩।୩**

ଦ୍ରବ୍ୟ ଏବଂ ସେବା କର ସମ୍ପର୍କରେ ଏକ ପ୍ରଶିକ୍ଷଣ ସଚେତନତା କାର୍ଯ୍ୟକ୍ରମ ଜିଲା କୋଷାଗାର ପକ୍ଷରୁ ସଂସ୍କୃତି ଭବନଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଜିଲା କୋଷାଗାର ଅଧିକାରୀ ଅରକ୍ଷିତ ବେହେରା ଅଧ୍ୟକ୍ଷତା କରି ଦ୍ରବ୍ୟ ଓ ସେବା କର ସମ୍ପର୍କରେ ବହୁ ପୂର୍ବରୁ ପ୍ରତ୍ୟେକ ଉଠାଣ ଓ ବିତରଣ ଅଧିକାରୀଙ୍କୁ ଅର୍ଥବିଭାଗ ପକ୍ଷରୁ ଅବଗତ କରାଯାଇଛି ବୋଲି କହିଥିଲେ। ତେବେ କେତେକ କ୍ଷେତ୍ରରେ ସଚେତନତା ଅଭାବରୁ ଏହି ବ୍ୟବସ୍ଥାର ସଫଳ ରୂପାୟନ ହେବାରେ ସମସ୍ୟା ରହୁଥିଲା। ତେଣୁ ଏହି କର୍ମଶାଳା ପ୍ରତ୍ୟେକ ଉଠାଣ ଓ ବିତରଣ ଅଧିକାରୀଙ୍କୁ ସହାୟତା ଦେଇପାରିବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଦ୍ରବ୍ୟ ଓ ସେବା କର ମଣ୍ଡଳର ଉପାୟୁକ୍ତ ପୂର୍ଣ୍ଣ ଚନ୍ଦ୍ର ଜେନା, ଅତିରିକ୍ତ ଜିଲା କୋଷାଗାର ଅଧିକାରୀ ଶ୍ରୀଧର ଦଳେଇ, ଦ୍ରବ୍ୟ ଓ ସେବା କରର ସହାୟକ ଅଧିକାରୀ ଭବାନୀକାନ୍ତ ପଟେଲ ଯୋଗଦେଇ ଜିଲାର ପ୍ରାୟ ୭୦ ଜଣ ଉଠାଣ ଓ ବିତରଣ ଅଧିକାରୀଙ୍କୁ ଟିଡିଏସ ଭାବରେ ବିଷଦ ଭାବରେ ଅବଗତ କରାଇଥିଲେ।

## ପାଣି ପାଇଁ ମହିଳାଙ୍କ ଧାରଣା

**ଧର୍ମଶାଳା,୧୩।୩(ଡି.ଏନ୍.ଏ.)**

ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଉଥିବାବେଳେ ପାଣି ସମସ୍ୟା ଦୂର ପାଇଁ ବୁଧବାର କଣ୍ଟିଗଡ଼ିଆ ଗ୍ରାମର କେତେଜଣ ମହିଳା ଧର୍ମଶାଳା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। କଣ୍ଟିଗଡ଼ିଆ ଗ୍ରାମର ୫ନମ୍ବର ୱାର୍ଡରେ ୬୦ଟି ପରିବାରର ୩ଶହ ଦଳିତଲୋକ ଗ୍ରାମରେ ରହିଥିବା ଏକ ମାତ୍ର ନଳକୂପ ଉପରେ ନିର୍ଭର କରନ୍ତି। ମାତ୍ର ୨ ମାସହେବ ଉକ୍ତ ନଳକୂପଟି ଖରାପ ହୋଇ ପଡିଛି। ଏ ନେଇ ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ହେଲେ କୌଣସି ସୁଫଳ ମିଳିପାରି ନାହିଁ। ତେଣୁ ବାଧ ହୋଇ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିବା କମଳୀ ମଳିକ, କାଞ୍ଚନ ମଳିକ, ନିରୁପମା ମଳିକ, ପ୍ରଭାତି ମଳିକ, ପିଙ୍କି ମଳିକ, ସସ୍ମିତା ମଳିକ ପ୍ରମୁଖ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସେମାନେ ବ୍ଲକ ପ୍ରଶାସନକୁ ଦରଖାସ୍ତ ମାଧ୍ୟମରେ ଜଣାଇବା ସହ ତୁରନ୍ତ ମରାମତି ପାଇଁ ଦାବି କରିଛନ୍ତି। ଧର୍ମଶାଳା ବିଡିଓ ଓ ଏବିଡିଓ ନିର୍ବାଚନ କାର୍ଯ୍ୟ ପାଇଁ ଟ୍ରେନିଂରେ ଯାଇଥିବାରୁ ବ୍ଲକ ଜଳ ଯୋଗାଣ ସହକାରୀ ଯନ୍ତ୍ରୀ ଦୀପକ କୁମାର ଜେନାଙ୍କୁ ପଚାରିବାରୁ କଣ୍ଟିଗଡ଼ିଆ ଗ୍ରାମରେ ୩ଟି ନଳକୂପ ଖରାପ ହୋଇଥିବା ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୨ଟି ମରାମତି କାମ ସରିଛି। ବୁଧବାର ଅନ୍ୟଟି ମରାମତି କରିବାକୁ କର୍ମଚାରୀଙ୍କୁ ପଠାଯାଇଛି ବୋଲି କନିଷ୍ଠ ଯନ୍ତ୍ରୀ କହିଛନ୍ତି।



ବ୍ଲକ ସମ୍ମୁଖରେ ମହିଳାମାନେ ଧାରଣାରେ ବସିଛନ୍ତି।

### ମଦ ଜବତ, ଅଭିଯୁକ୍ତ କୋର୍ଟଚାଲାଣ

**ରସୁଲପୁର,୧୩।୩(ଡିଏନଏ)**

ସାଧାରଣ ନିର୍ବାଚନ ପୂର୍ବରୁ ଗାଁଗୁଡିକୁ ମଦମୁକ୍ତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏହିକ୍ରମରେ କୁଆଖିଆ ଥାନା ପୋଲିସ ପକ୍ଷରୁ ଦେଶୀ ମଦ ଆଡ୍ଡା ଉପରେ ଚଢାଉ କରାଯାଉଛି। ସୋମବାର ପୋଲିସ ୬୦ଲିଟର ମଦ ଜବତ କରିବା ସହ ମଦ କାରବାର ଚେର ଯାଜପୁରର ଜିଲାରୁ ଢେଙ୍କାନାଳ ଜିଲାକୁ ଲମ୍ବିଛି ବୋଲି ଜଣାପଡିଥିଲା। ମଙ୍ଗଳବାର ରାତିରେ ପୋଲିସ ଏହି ଥାନା ଅନ୍ତର୍ଗତ ଶ୍ରୀବନ୍ତପୁର ପଞ୍ଚାୟତରୁ ୧୪ଲିଟର ଦେଶୀ ମଦ ଜବତ କରିଛି। ଏହି ଘଟଣାରେ ପୋଲିସ ମଦ ବ୍ୟବସାୟୀ ଅଜୟ ପ୍ରତିହାରୀ (୩୫)ଙ୍କୁ ଗିରଫ କରି କୋର୍ଟଚାଲଣ କରିଛି। ଅଜୟ ନିଜ ଘରେ ମଦ କାରବାର କରୁଥିବା ବେଳେ ତାଙ୍କ ଘର ଉପରେ ଚଢାଉ କରାଯାଇଥିଲା।

## ଉତ୍କଳ ଦିବସ ପ୍ରସ୍ତୁତି ବୈଠକ

**ଯାଜପୁର ଅଫିସ,୧୩।୩**

ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ ଗୃହରେ ବୁଧବାର ଉତ୍କଳ ଦିବସ ପାଳନ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ରଞ୍ଜନ କୁମାର ଦାସ ଏଥିରେ ଅଧ୍ୟକ୍ଷତା କରି ଉତ୍କଳ ଦିବସ ଆମ ସ୍ୱାଭିମାନ ଓ ଗୌରବର ପ୍ରତୀକ ବୋଲି କହିବା ସହ ଏହାକୁ ପ୍ରତ୍ୟେକ ଶୃଙ୍ଖଳାର ସହ ପାଳନ କରିବାକୁ ଆହ୍ୱାନ ଦେଇଥିଲେ। ପ୍ରାରମ୍ଭରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଚଳିତ ବର୍ଷ ନିର୍ବାଚନ ଅନୁଷ୍ଠିତ ହେଉଥିବାରୁ ନିର୍ବାଚନ କମିଶନରଙ୍କ ପରାମର୍ଶ କ୍ରମେ କାର୍ଯ୍ୟକ୍ରମକୁ ଚୂଡାନ୍ତ ରୂପରେଖ ଦିଆଯିବ ବୋଲି ସେ ସୂଚନା ଦେଇଥିଲେ। ଉତ୍କଳ ଦିବସର ଭୋର ସାଢେ ୪ଟା ସମୟରେ ସୂଚନା ଓ ଲୋକ ସଂପର୍କ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ସହରରେ ବନ୍ଦେ ଉତ୍କଳ ଜନନୀ ସଂଗୀତ ପରିବେଷଣ କରାଯିବ। ସାଢେ ୬ଟାରେ ପ୍ରଭାତଫେରୀ, ଗାନ୍ଧୀଛକସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି, ସଂସ୍କୃତି ଭବନ ପରିସରରେ ଓ ଜିଲା ସ୍କୁଲ ଠାରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ । ୨୪।୩।୨୦୧୯ ତାରିଖ ପୂର୍ବାହ୍ନ ୯ଟା ସମୟରେ ସଂସ୍କୃତି ଭବନ ଠାରେ ମୁକ୍ତ କୁଇଜ୍ ପ୍ରତିଯୋଗିତା ଜିଲା ସଂସ୍କୃତି ବିଭାଗ ପକ୍ଷରୁ ଅନୁଷ୍ଠିତ ହେବ। ଏହାବାଦ ଓଡିଆ ବକ୍ତୃତା, ଚିତ୍ରାଙ୍କନ ଓ ଦେଶାତ୍ମବୋଧ ସଂଗୀତ ପ୍ରତିଯୋଗିତା ଚଳିତମାସ ୨୫ ତାରିଖରେ ବୈଷ୍ଣବ ଦତ୍ତ ଉଚ୍ଚ ବିଦ୍ୟାଳୟଠାରେ ସକାଳ ୮ଟାରେ ଅନୁଷ୍ଠିତ ହେବ। ଓଡିଆ ପ୍ରବନ୍ଧର ବିଷୟବସ୍ତୁ ଆମେ ଓଡିଆ ଆମ ଭାଷା ବଢିଆ ରଖାଯାଇଛି । ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ମନୋଜ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ବିଭାଗୀୟ ଅଧିକାରୀ, ବରିଷ୍ଠ ନାଗରିକ, ଗଣମାଧ୍ୟମର ପ୍ରତିନିଧି, ବିଭିନ୍ନ ଶିକ୍ଷାନୁଷ୍ଠାନର କର୍ମକର୍ତ୍ତା ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।




ପ୍ରସ୍ତୁତି ବୈଠକରେ ଜିଲାପାଳଙ୍କ ସହିତ ଅନ୍ୟ ଅଧିକାରୀମାନେ।

## ବରୀରେ ବିଦ୍ୟୁତ୍ ଗ୍ରୀଡ୍ ସ୍ଥାପନ ପାଇଁ ୧୬୫ କୋଟି ଟଙ୍କା ମଞ୍ଜୁର

**ବରୀ,୧୩।୩(ସ୍ୱ.ପ୍ର)**

ବରୀ ଅଞ୍ଚଳର ବିଦ୍ୟୁତ ସମସ୍ୟା ଦୂର କରିବା ପାଇଁ ବିଦ୍ୟୁତ ବିଭାଗ ବରୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଯାଜପୁର ବ୍ଲକ ଅଧୀନ ଏରବାଙ୍ଗ ପଞ୍ଚାୟତରେ ବିଦ୍ୟୁତ ଗ୍ରୀଡ ସ୍ଥାପନ କରିବ ବୋଲି ସ୍ଥିର କରିଛି। ଏନେଇ ୧୬୫ କୋଟି ଟଙ୍କା ବିଦ୍ୟୁତ ବିଭାଗ ମଞ୍ଜୁର କରିଥିବା ସୂଚନା ମିଳିଛି। ଦୀର୍ଘଦିନ ଧରି ବରୀ ବିଦ୍ୟୁତ ସବଡିଭିଜନ ଅଧୀନରେ ଥିବା ୨୦ ହଜାରରୁ ଊର୍ଦ୍ଧ୍ୱ ଗ୍ରାହକ ବିଦ୍ୟୁତ ସମସ୍ୟାର ସମ୍ମୁଖୀନ ହେଉଥିଲେ। ବିଦ୍ୟୁତ ଉପଭୋକ୍ତା କମିଟି ଗଠନ କରାଯାଇ ଗତ ୧୬।୧୧।୨୦୧୮ରେ ଇଲେକ୍ଟ୍ରି ରେଗୁଲେଟାରୀ କମିଶନ ଓଡ଼ିଶା, ଭୁବନେଶ୍ୱରଙ୍କୁ ଅବଗତ କରାଯାଇଥିଲା। ବିଦ୍ୟୁତ ସମସ୍ୟାର ସମାଧାନ ପାଇଁ କମିଶନର ଉପେନ୍ଦ୍ର ନାଥ ବେହେରା ପତ୍ରାଙ୍କ ସଂଖ୍ୟା ନଂ ପିଏ କ୍ୟୁ/ସିସି/ସିସି/୨୦୧୬/୧୬୭୯ ତା ୪।୧୨।୨୦୧୮ରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ମ୍ୟାନେଜିଂ ଡାଇରେକ୍ଟର ଓପିଟିସିଏଲ ଭୁବନେଶ୍ୱରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଓପିଟିସିଏଲ ପକ୍ଷରୁ ସ୍ଥାନ ନିରୂପଣ ପାଇଁ ଯାଜପୁର ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ବାଲେଶ୍ୱରସ୍ଥିତ ନେସ୍କୋ ଅଧୀନରେ ଥିବା ଯନ୍ତ୍ରୀଙ୍କ ପକ୍ଷରୁ କ୍ଷେତ୍ର ପରିଦର୍ଶନ କରାଯାଇ ଏରବାଙ୍ଗ ପଞ୍ଚାୟତର ୫ ଏକର ସରକାରୀ ଜାଗା ଉପରେ ଏହି ଗ୍ରୀଡ ସ୍ଥାପନ କରାଗଲେ ସମଗ୍ର ବରୀ ଅଞ୍ଚଳର ବିଦ୍ୟୁତ ସମସ୍ୟା ସମାଧାନ ହୋଇପାରିବ ବୋଲି ଅନୁଭବ କରି ଯାଜପୁର ଜିଲାପାଳଙ୍କୁ ପ୍ରସ୍ତାବ ଦେଇଥିଲେ। ଜିଲାପାଳ ଯାଜପୁର ତହସିଲଦାରଙ୍କୁ ଏନେଇ ଜାଗା ଚିହ୍ନଟ କରି ବିଦ୍ୟୁତ ବିଭାଗକୁ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ଇତିମଧ୍ୟରେ ତହସିଲଦାର ଜାଗା ଚିହ୍ନଟ କରି ହସ୍ତାନ୍ତର କରୁ ନ ଥିବାରୁ ଏହି ଗ୍ରୀଡ ପାଇଁ ଆସିଥିବା ଅର୍ଥ ଫେରିଯିବ ବୋଲି ଉପଭୋକ୍ତା କମିଟି ପକ୍ଷରୁ କୁହାଯାଇଛି। ଉପଭୋକ୍ତା କମିଟି ଆବାହକ ଲୋକନାଥ ଦାସ, ଭଜହରି ମହାପାତ୍ର, କିଶୋର ଚନ୍ଦ୍ର ଦାସ, ସୁର ମୋହନ ମହାପାତ୍ର, କର୍ଣ୍ଣଚନ୍ଦ୍ର ଘଡାଇ, ଗୋପବନ୍ଧୁ ଦାସ, ଅନନ୍ତ ଚରଣ ଭୂୟାଁ, ଗଗନ ଜେନା, ମନିନ୍ଦର ସାମଲ, ବୃନ୍ଦାବନ ସାମଲ, ବିଷ୍ଣୁଚରଣ ମହାନ୍ତି, ସରୋଜ କୁମାର ଜେନା ପ୍ରମୁଖ କାର୍ଯ୍ୟକର୍ତ୍ତା ଏନେଇ ଯାଜପୁର ଜିଲାପାଳଙ୍କୁ ଭେଟି ଉକ୍ତ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ନିବେଦନ କରିଥିବା କୁହାଯାଇଛି।

## ଜିଲାପାଳଙ୍କ ବଡ଼ଚଣା, ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଗସ୍ତ

**ଯାଜପୁର ଅଫିସ,୧୩।୩**

ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ରଞ୍ଜନ କୁମାର ଦାସ ବୁଧବାର ଧର୍ମଶାଳା ଓ ବଡ଼ଚଣା ନିର୍ବାଚନ ମଣ୍ଡଳୀର ବିଭିନ୍ନ ବୁଥ ପରିଦର୍ଶନ କରିଛନ୍ତି। ପ୍ରଥମେ ଜିଲାପାଳ ଧର୍ମଶାଳା ବ୍ଲକରେ ପହଞ୍ଚିବା ପରେ ବିଡିଓ ତହସିଲଦାର ଓ ଅନ୍ୟାନ୍ୟ ଲାଇନ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ସରକାରୀ ସ୍ଥାନରେ ଲାଗିଥିବା ସମସ୍ତ ହୋଡିଂ, ପୋଷ୍ଟର, ବ୍ୟାନରକୁ ଯଥାଶୀଘ୍ର ଅପସାରଣ ପାଇଁ ଜିଲାପାଳ ଦାସ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ସରକାରୀ ବିଭାଗ ପରିସରରେ ଯଦି କୌଣସି ପୋଷ୍ଟର, ବ୍ୟାନର ଇତ୍ୟାଦି ଲାଗିଥାଏ ତେବେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ସ୍ପଷ୍ଟ କରି ଦେଇଛନ୍ତି। ଧର୍ମଶାଳାର ବିଭିନ୍ନ ବିଦ୍ୟୁତ୍ ଖୁଣ୍ଟରେ ରାଜନୈତିକ ବ୍ୟକ୍ତି ବିଶେଷ ଓ ଦଳର ବ୍ୟାନର, କଟ୍‌ଆଉଟ ଇତ୍ୟାଦି ଲାଗିଥିବାରୁ ଜିଲାପାଳଙ୍କ ଉପସ୍ଥିତିରେ ଅପସାରଣ କରାଯାଇଥିଲା। ପରେ ଜିଲାପାଳ ଧର୍ମଶାଳା ଓ ବଡ଼ଚଣା ବ୍ଲକର ବିଭିନ୍ନ ମତଦାନ କେନ୍ଦ୍ରଗୁଡିକୁ ପରିଦର୍ଶନ କରିଥିଲେ। ର୍‍ୟାମ୍ପ, ବିଦ୍ୟୁତ୍, ପାନୀୟ ଜଳ ଓ ଶୌଚାଳୟ ଗୁଡ଼ିକୁ ଅନୁଧ୍ୟାନ କରିବା ସହ କେତେକ ସ୍ଥାନରେ ଛୋଟ ଛୋଟ ମରାମତି ପାଇଁ ଜିଲାପାଳ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଥିଲେ। ଏହି ଗସ୍ତ ସମୟରେ ଯାଜପୁର ଏସ୍‌ପି ଚରଣସିଂ ମୀନା, ଧର୍ମଶାଳା ଓ ବଡ଼ଚଣା ବିଡିଓ, ତହସିଲଦାର, ସର୍ବଶିକ୍ଷା ଅଭିଯାନର ପ୍ରକଳ୍ପ ସଂଯୋଜକ, ଧର୍ମଶାଳା ଓ ବଡ଼ଚଣା ଥାନା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଅପରାହ୍ନ ୩ଟାରେ ନିର୍ବାଚନ ଆୟୁକ୍ତଙ୍କ ଭିଡିଓ କନଫରେନ୍ସିଂ କାର୍ଯ୍ୟକ୍ରମରେ ଜିଲାପାଳ ଯୋଗ ଦେଇଥିଲେ। ନିର୍ବାଚନ ଘୋଷଣ ହୋଇ ସାରିଥିବାରୁ ଆଦର୍ଶ ଆଚରଣ ବିଧି ପାଳନ, ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଦାଖଲ ସମ୍ପର୍କରେ ବିଭିନ୍ନ ପରାମର୍ଶ, ଇଭିଏମ୍ ଷ୍ଟ୍ରଙ୍ଗ ରୁମ୍ ବ୍ୟବସ୍ଥା ଇତ୍ୟାଦି ସମ୍ବନ୍ଧରେ ଆୟୁକ୍ତ ଜିଲାପାଳଙ୍କୁ ବିବିଧ ମାର୍ଗ ଦର୍ଶନ କରାଇଥିଲେ। ବିଶେଷ କରି ନିର୍ବାଚନରେ ରିଟର୍ଣ୍ଣିଂ ଅଧିକାରୀମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ କମିଶନ ବିସ୍ତୃତ ପରାମର୍ଶ ପ୍ରଦାନ କରିଥିଲେ।

## ସ୍ଥାନୀୟ ଅଞ୍ଚଳର ପ୍ରାର୍ଥୀଙ୍କୁ ମିଳୁନି ସୁଯୋଗ

**ଯାଜପୁର ଅଫିସ,୧୩।୩**

ନିର୍ବାଚନରେ ବାହାର ଅଞ୍ଚଳର ଲୋକେ ପ୍ରାର୍ଥୀ ହେବା କିଛି ନୂଆ କଥା ନୁହେଁ। ସାରା ଦେଶରେ ନିର୍ବାଚନୀ ଇତିହାସରେ ବହୁ ତୁଙ୍ଗ ନେତା ଭିନ୍ନ ଅଞ୍ଚଳରେ ନିର୍ବାଚନ ଲଢି ବିଜୟୀ ହୋଇ ଦେଶର ଜଣେ ଜଣେ ସଫଳ ରାଜନେତା ଭାବରେ ନିଜକୁ ପ୍ରତିଷ୍ଠା କରି ପାରିଛନ୍ତି। ମୌଲାନା ଅବୁଲ କଲାମ ଆଜାଦ, ଆଚାର୍ଯ୍ୟ ଜେ.ବି. କ୍ରିପ୍‌ଲାନୀ, ଡ. ରାମମୋହନ ଲୋହିଆ, ଇନ୍ଦିରା ଗାନ୍ଧୀଙ୍କଠାରୁ ଆରମ୍ଭ କରି ଓଡିଶାରେ ବିଜୁ ପଟ୍ଟନାୟକ, ଡ. ହରେକୃଷ୍ଣ ମହତାବ୍, ନନ୍ଦିନୀ ଶତପଥୀ ପ୍ରମୁଖ ଦେଶ ଓ ରାଜ୍ୟର ଭିନ୍ନ ଭିନ୍ନ ସ୍ଥାନରୁ ନିର୍ବାଚନରେ ବିଜୟୀ ହେବାର ଉଦାହରଣ ରହିଛି। ଏଥିରୁ ନିର୍ବାଚନ ଲଢୁଥିବା ପ୍ରାର୍ଥୀ କେଉଁଠାର ମୂଳ ବାସିନ୍ଦା ସେ ପ୍ରସଙ୍ଗ ପରିବର୍ତ୍ତେ ପ୍ରାର୍ଥୀଙ୍କ ବ୍ୟକ୍ତିତ୍ୱ ଓ ଅଞ୍ଚଳ ତଥା ଅଞ୍ଚଳବାସୀଙ୍କ ସମସ୍ୟା ସହିତ ତାଙ୍କ ସମ୍ପର୍କ ଏବଂ ତାଙ୍କ ଦଳର ସାଂଗଠନିକ ଶକ୍ତି ହିଁ ଗ୍ରହଣୀୟ ହୋଇଥିବା ସ୍ପଷ୍ଟ ଜଣାପଡୁଛି । ଯାଜପୁର ଜିଲା ମଧ୍ୟ ଏଥିରୁ ବାଦ ପଡିନାହିଁ। ହେଲେ ଆଜିକାଲି ନିର୍ବାଚନ ମଣ୍ଡଳୀ ସହ କୌଣସି ସମ୍ପର୍କ ନ ରଖି ଦଳୀୟ ହାଇକମାଣ୍ଡଙ୍କଠାରୁ ଟିକେଟ ଆଣି ନିର୍ବାଚନ ଲଢିବାର ଏକ ନୂଆ ଧାରା ସୃଷ୍ଟି ହୋଇଥିବାରୁ ସ୍ଥାନୀୟ ଅଞ୍ଚଳର ନେତାଙ୍କୁ ସୁଯୋଗ ମିଳୁ ନାହିଁ। ଯାହାକି କେତେକ କ୍ଷେତ୍ରରେ ଦଳୀୟ କର୍ମୀ ଓ ଭୋଟରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି।

ନବକୃଷ୍ଣ ଚୌଧୁରୀ ଓଡିଶାର ପ୍ରଥମ ମୁଖ୍ୟମନ୍ତ୍ରୀ ହେବାର ଗୌରବ ଅର୍ଜନ କରିଥିଲେ। ସେ ବଡ଼ଚଣା ନିର୍ବାଚନ ମଣ୍ଡଳୀରୁ ପ୍ରତିଦ୍ୱନ୍ଦ୍ୱିତା କରି ବିଧାୟକ ନିର୍ବାଚିତ ହୋଇଥିଲେ। ତେବେ ଚୌଧୁରୀ ଜଗତସିଂହପୁର ଜିଲାର ମୂଳବାସିନ୍ଦା ଥିଲେ। ସେହିପରି ପରବର୍ତ୍ତୀ ନିର୍ବାଚନରେ ଅର୍ଥାତ ୧୯୫୭ରେ କଂଗ୍ରେସରୁ ଯଦୁମଣି ମଙ୍ଗରାଜ ବଡ଼ଚଣା ନିର୍ବାଚନ ମଣ୍ଡଳୀରୁ ବିଜୟୀ ହୋଇଥିଲେ । ମଙ୍ଗରାଜଙ୍କ ଘର କେନ୍ଦ୍ରାପଡ଼ା ଜିଲାରେ ବୋଲି ଜଣାପଡିଛି । ସେ ଉପବାଚସ୍ପତି ଭାବେ ମଧ୍ୟ କାର୍ଯ୍ୟ ତୁଲାଇଥିଲେ । ୧୯୭୪ରେ ବରୀ-ଡେରାବିଶି ସ୍ୱତନ୍ତ୍ର ନିର୍ବାଚନ ମଣ୍ଡଳୀ ଗଠନ ହେବା ପରେ କେନ୍ଦ୍ରାପଡ଼ା ଜିଲାର ପଟ୍ଟାମୁଣ୍ଡାଇ ଅଞ୍ଚଳର ପ୍ରହ୍ଲାଦ ମଲ୍ଲିକ ପ୍ରଥମ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। କୋରେଇ ନିର୍ବାଚନ ମଣ୍ଡଳୀ ପୂର୍ବରୁ ଯାଜପୁର ପଶ୍ଚିମ ନିର୍ବାଚନ ମଣ୍ଡଳୀ ରହିଥିଲା। ଏହି ନିର୍ବାଚନ ମଣ୍ଡଳୀରେ ପ୍ରଫୁଲ୍ଲ ଘଡ଼େଇ ୧୯୬୭ ଓ ୧୯୭୧ରେ ବିଜୟୀ ହୋଇଥିଲେ। ହେଲେ ତାଙ୍କ ଘର ଦଶରଥପୁର ବ୍ଲକ ବିରଜାପୁର ଗ୍ରାମରେ। ପରବର୍ତ୍ତୀ ସମୟରେ ସେ ୧୯୯୦ରୁ ସୁକିନ୍ଦା ଆସନରୁ ଲଗାତାର ଭାବେ ୨୦୦୯ପର୍ଯ୍ୟନ୍ତ ବିଜୟୀ ହୋଇଛନ୍ତି। ଏହି ସମୟରେ ସେ ଅନେକ ମନ୍ତ୍ରୀପଦ ମଧ୍ୟ ପାଇଛନ୍ତି। ସେହିପରି ତାଙ୍କ ପୁଅ ପ୍ରୀତିରଞ୍ଜନ ଘଡ଼େଇ ୨୦୦୯ରେ କୋରେଇ ଓ ୨୦୧୪ରେ ସୁକିନ୍ଦା ନିର୍ବାଚନ ମଣ୍ଡଳିରୁ ପ୍ରତିନିଧିତ୍ୱ କରିଛନ୍ତି। ସେହିପରି ସେତେବେଳେ ଯାଜପୁର ଆସନ ଏସ୍‌ସିଙ୍କ ପାଇଁ ସଂରକ୍ଷିତ ରହିଥିବାରୁ ଅଶୋକ ଦାସ ୧୯୭୪ରୁ କୋରେଇ ନିର୍ବାଚନ ମଣ୍ଡଳିରୁ ବିଜୟୀ ହୋଇଥିଲେ। ସେ ୬ ଥର ଏହି ନିର୍ବାଚନ ମଣ୍ଡଳୀରୁ ପ୍ରତିନିଧିତ୍ୱ କରିଛନ୍ତି। କିନ୍ତୁ ବାସ୍ତବରେ ଅଶୋକଙ୍କ ଘର ଯାଜପୁର ନିର୍ବାଚନ ମଣ୍ଡଳୀରେ। ୨୦୦୪ରେ ଭାଜପା ଟିକେଟରେ ସଞ୍ଚିତା ମହାନ୍ତି କୋରେଇ ଆସନରୁ ବିଜୟୀ ହୋଇଥିଲେ। ତାଙ୍କ ବାପଘର ରାମବାଗରେ ହୋଇଥିବାବେଳେ ଶ୍ୱଶୁର ଘର ବାଲେଶ୍ୱର ଜିଲାରେ। ସେହିପରି କଳ୍ପତରୁ ଦାସଙ୍କ ପୈତୃକ ଘର କୋରେଇ ନିର୍ବାଚନ ମଣ୍ଡଳୀର ଭୋଟକା ଗ୍ରାମରେ ହୋଇଥିବାବେଳେ ସେ ଧର୍ମଶାଳା ନିର୍ବାଚନ ମଣ୍ଡଳୀରୁ ୧୯୯୫ରୁ ୨୦୦୯ ପର୍ଯ୍ୟନ୍ତ ବିଧାୟକ ହୋଇ ମନ୍ତ୍ରୀପଦ ପାଇଥିଲେ। ସେହିପରି ନିର୍ବାଚନ ମଣ୍ଡଳୀରେ ଦେବାଶିଷ ନାୟକଙ୍କ ପୈତୃକ ଘର ରହିଥିଲେ ହେଁ ତାଙ୍କ ପିଲାଦିନ ବାହାରେ କଟିଛି। ବିଶେଷକରି ଜିଲାର କୋରେଇ, ସୁକିନ୍ଦା, ଧର୍ମଶାଳା ଓ ବଡ଼ଚଣା ନିର୍ବାଚନ ମଣ୍ଡଳୀରେ ବାହାର ପ୍ରାର୍ଥୀଙ୍କୁ ଗ୍ରହଣୀୟ କରାଯାଇଛି। ଏବେ ଅଶୋକ ଦାସଙ୍କ ପୁଅ ପ୍ରଣବ ପ୍ରକାଶ ଦାସ(ବବି) ମଧ୍ୟ ଯାଜପୁର ଛାଡି କୋରେଇ ଉପରେ ନଜର ରଖିଥିବା ଆଲୋଚନା ହେଉଛି। ସେହିପରି ବାପାଙ୍କ ପ୍ରଥା ଅନୁକରଣ କରି ପ୍ରଣବବଳୱନ୍ତ ରାୟ(ଜିତୁ) ଓ ପ୍ରୀତିରଞ୍ଜନ ଘଡେଇ(ଡାନି) ନିଜ ପୈତୃକ ଘର ଅଞ୍ଚଳ ଛାଡି ଅନ୍ୟତ୍ର ନିର୍ବାଚନ ଲଢି ବିଜୟୀ ହୋଇଛନ୍ତି । ସମ୍ପ୍ରତି ଭୋଟରଙ୍କ ମଧ୍ୟରେ ସଚେତନତା ବୃଦ୍ଧି ଘଟିଛି। ଏହି ପରିପ୍ରେକ୍ଷୀରେ ଚଳିତ ନିର୍ବାଚନରେ ନିଜ ଅଞ୍ଚଳର ପ୍ରାର୍ଥୀଙ୍କୁ ଭୋଟର କେତେଦୂର ଗ୍ରହଣ କରୁଛନ୍ତି ତାହା ଆଗାମୀ ନିର୍ବାଚନ ଫଳାଫଳରେ ଜଣାପଡ଼ିବ ବୋଲି କୁହାଯାଉଛି।



ଯେଉଁ ଘରେ ସୁଲକ୍ଷଣା ନାରୀ ବାସ କରେ, ସେହି ଘରେ ଲକ୍ଷ୍ମୀ ରହନ୍ତି। କୋଟି କୋଟି ଦେବତା ମଧ ସେହି ଘରକୁ ତ୍ୟାଗ କରନ୍ତି ନାହିଁ।
- ମହର୍ଷି ଗର୍ଗ



## ସଂକ୍ଷେପରେ

### ମାଣପୁର ସରପଞ୍ଚ ନିଲମ୍ବିତ

**ଓଡ଼ଗାଁ, ୧୩।୩(ସ୍ୱ.ପ୍ର.):** ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ଅନ୍ତର୍ଗତ ପଞ୍ଚୁରିଡା ମାଣପୁର ସରପଞ୍ଚ ମନୋଜ କୁମାର ସାହୁଙ୍କୁ ଜିଲାପାଳ ନିଲମ୍ବନ କରିଛନ୍ତି। ସୂଚନା ଅନୁସାରେ ଗ୍ରାମବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଓ ଅଭିଯୋଗକ୍ରମେ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ୬ ତାରିଖରେ ପତ୍ରାଙ୍କ ୪୮୪୫-୪୬ ଅନୁସାରେ ସରପଞ୍ଚଙ୍କୁ ନିଲମ୍ବନ କରିବାକୁ ନୟାଗଡ଼ ଜିଲାପାଳଙ୍କୁ ଅବଗତ କରିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲା ଗ୍ରାମ ପଞ୍ଚାୟତ ବିଭାଗ ୧୦ ତାରିଖରେ ପତ୍ରାଙ୍କ ୧୫୯-୧୬୧ ଅନୁସାରେ ସରପଞ୍ଚ ସାହୁଙ୍କୁ ନିଲମ୍ବନ ଆଦେଶ ପ୍ରଦାନ କରିବା ସହିତ ତୁରନ୍ତ ନାଏବ ସରପଞ୍ଚ ମାଳତୀ ବାଘଙ୍କୁ ସରପଞ୍ଚ ଦାୟିତ୍ୱ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ଜିଲା କାର୍ଯ୍ୟାଳୟ ଓଡ଼ଗାଁ ବିଡିଓଙ୍କ ସମେତ ସମସ୍ତ ସମ୍ପୃକ୍ତ ଅଧିକାରୀଙ୍କୁ ଏନେଇ ସୂଚନା ପ୍ରଦାନ କରିଥିବା ଜଣାଯାଇଛି।

### ବୋଲଗଡ଼ ବ୍ଲକ: ୧୭ ବୁଥ୍ ସମ୍ବେଦନଶୀଳ

**ବୋଲଗଡ଼, ୧୩।୩(ଡି.ଏନ.ଏ.):** ଚଳିତ ସାଧାରଣ ନିର୍ବାଚନ ଅବସରରେ ବୋଲଗଡ଼ ବ୍ଲକ ଅଞ୍ଚଳରେ ୧୧୬ଟି ବୁଥ୍‌ରେ ମତଦାନ ବ୍ୟବସ୍ଥା ରହିଛି। ତେବେ ମତଦାନ ପାଇଁ ୧୭ଟି ବୁଥ୍‌କୁ ସମ୍ବେଦନଶୀଳ ବୁଥ ଭାବେ ପ୍ରଶାସନ ପକ୍ଷରୁ ଚିହ୍ନଟ କରାଯାଇଥିବା ନେଇ ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ସୂଚନାଯୋଗ୍ୟ, ଏହି ବ୍ଲକ ଅଞ୍ଚଳରେ ୧ଲକ୍ଷ ୩ ହଜାର ୫ଶହ ୨୫ଜଣ ଭୋଟର ତାଲିକାଭୁକ୍ତ ହୋଇଛନ୍ତି। ନିର୍ବାଚନ ପାଇଁ ବ୍ଲକକୁ ୧୦ଟି ସେକ୍ଟର୍‌ରେ ବିଭକ୍ତ କରାଯାଇଛି। ଏଥିପାଇଁ ୧୨୧ଜଣ ପ୍ରିଜାଇଡିଂ ଅଫିସର, ଫାଷ୍ଟ ପୁଲିଂ ଅଫିସର, ସେକେଣ୍ଡ ପୁଲିଂ ଅଫିସର, ଥାର୍ଡ ପୁଲିଂ ଅଫିସର ନିଯୁକ୍ତ ହେବା ପ୍ରସ୍ତୁତି ହୋଇଛି। ସେହିପରି ୨ହଜାରରୁ ଊର୍ଦ୍ଧ୍ୱ ଭୋଟର ମତଦାନ କରିବାକୁ ଥିବା ବୁଥ୍‌ଗୁଡିକ ପାଇଁ ୬୦ଜଣ ୪ର୍ଥ ପୁଲିଂ ଅଫିସର ନିଯୁକ୍ତ ହେବା ପାଇଁ ଗ୍ରାମ ପଞ୍ଚାୟତ ଅଧିକାରୀ ତ୍ରିନାଥ ରାଉଳଙ୍କଠାରୁ ସୂଚନା ମିଳିଛି। ଭୋଟବେଳେ ଶାନ୍ତି ଓ ଶୃଙ୍ଖଳା ନିମନ୍ତେ ବ୍ୟାପକ ସୁରକ୍ଷା ଓ ପୋଲିସ ମୁତୟନ ବ୍ୟବସ୍ଥା ରହିଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

### ନିଖିଳ ଉତ୍କଳ ଶାକାହାରୀ ରଙ୍ଗଣୀ ସମାଜର ବାର୍ଷିକ ଅଧିବେଶନ

**ବୋଲଗଡ଼, ୧୩।୩(ଡି.ଏନ.ଏ.):** ବୋଲଗଡ଼ ବ୍ଲକ ଧଳାପଥରଠାରେ ନିଖିଳ ଉତ୍କଳ ଶାକାହାରୀ ରଙ୍ଗଣୀ ସମାଜର ବାର୍ଷିକ ଅଧିବେଶନ ବୁଧବାର ଉଦ୍‌ଘାଟିତ ହୋଇଛି। ଧଳାପଥର, ଆରିକମା, କଳାପଥର ସାହିର ବେହେରା ଓ ମହାଜନମାନଙ୍କ ଆବାହକତ୍ୱରେ ଦୁଇକୁଳ, ସାତ ରାଜ୍ୟ, ୩ଶହ ଘର ଶାଖା ପକ୍ଷରୁ ଏହି ଅଧିବେଶନ ଆୟୋଜିତ ହୋଇଛି। ସାହି ମହାଜନ ସମେତ ସଦସ୍ୟମାନେ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସକାଳ ୫ଟାରେ ସ୍ଥାନୀୟ ଧବଳେଶ୍ୱର ମନ୍ଦିରଠାରୁ ଏକ ମଶାଲ ଶୋଭାଯାତ୍ରା ହନୁମାନ ମନ୍ଦିରଟାରେ ପହଞ୍ଚିବା ପରେ କଳସ ସ୍ଥାପନପୂର୍ବକ ହୋମ କରାଯାଇଥିଲା। ଏହି ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଭଜନ ଓ ଜଣାଣ କାର୍ଯ୍ୟକ୍ରମ ସହ ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଥିଲା।

### 'ଆମେ ଓ ଆମ ମହାବିଦ୍ୟାଳୟ' ଶୀର୍ଷକ ଆଲୋଚନାଚକ୍ର

**ନିରାକାରପୁର, ୧୩।୩(ଡି.ଏନ.ଏ.)-** ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତସ୍ଥିତ ଶ୍ରୀଶ୍ରୀ କପିଳେଶ୍ୱର ଦେବଙ୍କ ପୀଠରେ ବୁଧବାର ଅପରାହ୍ନ ୫ଟାରେ 'ଆମେ ଓ ଆମ ମହାବିଦ୍ୟାଳୟ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ନିରାକାରପୁରସ୍ଥିତ କ୍ଷେତ୍ରବାସୀ ବିଜ୍ଞାନ ମହାବିଦ୍ୟାଳୟ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅନୁଷ୍ଠାନର ପୁରାତନ ଛାତ୍ର ଶଙ୍କର୍ଷଣ ପ୍ରଧାନଙ୍କ ଆବାହକତ୍ୱରେ ଅନୁଷ୍ଠିତ ସଭାରେ ଶିକ୍ଷାନୁଷ୍ଠାନ, ଶିକ୍ଷାବିତ୍ ଓ ଛାତ୍ରୀଛାତ୍ରଙ୍କ ଉପରେ ବହୁ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା। ଉକ୍ତ ମହାବିଦ୍ୟାଳୟର ବିକାଶ ନିମନ୍ତେ ସମସ୍ତେ ମିଳିତ ଭାବେ କାର୍ଯ୍ୟ କରିବେ ବୋଲି ମତ ଉପସ୍ଥାପନ କରିଥିଲେ।

### ମହିଳା ସିଲେଇ ତାଲିମ କେନ୍ଦ୍ର ଉଦ୍‌ଘାଟିତ

**ବୋଲଗଡ଼, ୧୩।୩(ଡି.ଏନ.ଏ.):** ମହିଳାମାନେ ଆତ୍ମନିର୍ଭରଶୀଳ ହେବା ପାଇଁ ବୁଧବାର ଏକ ସିଲେଇ ତାଲିମ କେନ୍ଦ୍ର ବୋଲଗଡ଼ ବ୍ଲକ ଟିକାତାଲ ଶ୍ରୀରାମକୃଷ୍ଣ ସେବାଶ୍ରମ ପକ୍ଷରୁ ଉଦ୍‌ଘାଟିତ ହୋଇଛି। ସେବାଶ୍ରମର ଅଧକ୍ଷ ସ୍ୱାମୀ ଭାଗବତାନନ୍ଦପୁରୀ ତାଲିମକେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ସ୍ଥାନୀୟ ଗ୍ରାମର ୧୮ଜଣ ମହିଳା ମାଗଣା ତାଲିମ ନେବା ପାଇଁ ନାମ ପଞ୍ଜୀକୃତ କରିଛନ୍ତି।

■ ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ

# ୮ ବର୍ଷ ହେଲାଣି ଆସିନାହାନ୍ତି ନାକ୍ ଟିମ୍

■ କର୍ମଚାରୀଙ୍କ ଅସହଯୋଗ ମୁଖ୍ୟ ସମସ୍ୟା

■ ବସୁନାହିଁ ଆଇକ୍ୟୁଆଇସି ବୈଠକ

**ନୟାଗଡ଼ ଅଫିସ, ୧୩।୩**

ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ ଅବ୍ୟବସ୍ଥା ଦେଇ ଗତି କରୁଛି। ଜିଲାରେ ଥିବା ଏକମାତ୍ର ସ୍ୱୟଂଶାସିତ ମହାବିଦ୍ୟାଳୟକୁ ୮ ବର୍ଷ ହେଲାଣି ନାକ୍ (ନ୍ୟାଶନାଲ ଆସେସ୍‌ମେଣ୍ଟ ଆଣ୍ଡ ଆକ୍ରିଡେଶନ କାଉନସିଲ) ଟିମ୍ ଆସିନାହିଁ। ଫଳରେ ମହାବିଦ୍ୟାଳୟର ଉନ୍ନୟନମୂଳକ କାର୍ଯ୍ୟ ପାଇଁ ୟୁଜିସି (ୟୁନିଭରସିଟି ଗ୍ରାଣ୍ଟ କମିଶନ)ଠାରୁ ଅର୍ଥ ଆସିପାରୁନାହିଁ। ପୂର୍ବରୁ ୨୦୦୬ ମସିହାରେ ନାକ୍ ଟିମ୍ ଆସି ମହାବିଦ୍ୟାଳୟକୁ ବି+ ଗ୍ରେଡ୍ ପ୍ରଦାନ କରିଥିଲା। ୫ ବର୍ଷ ପୂରଣ ହେବା ପରେ ୨୦୧୧ରେ ନାକ୍ ଗ୍ରେଡେଶନ ସରିଥିଲା। ୮ ବର୍ଷ ବିତିଯାଇଥିଲେ ମଧ୍ୟ ଏ ଦିଗରେ କଲେଜ କର୍ତ୍ତୃପକ୍ଷ ଆଖି ବୁଜିଦେଇଛନ୍ତି।

ପ୍ରକାଶ ଯେ, ୧୯୬୧ ମସିହାରେ ପ୍ରତିଷ୍ଠିତ ଏହି କଲେଜ ୨୦୦୬-୦୭ ଶିକ୍ଷା ବର୍ଷରେ ସ୍ୱୟଂଶାସିତ ମହାବିଦ୍ୟାଳୟର ମାନ୍ୟତା ପାଇଥିଲା। ଜିଲା ତଥା ରାଜ୍ୟରେ ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟର ସୁନାମ ରହିଛି। ପ୍ରତିବର୍ଷ ମହାବିଦ୍ୟାଳୟର ଯୁକ୍ତ୨ ବିଜ୍ଞାନ ଛାତ୍ରୀଛାତ୍ରମାନେ ରାଜ୍ୟରେ ଶ୍ରେଷ୍ଠ ତାଲିକାରେ ରୁହନ୍ତି। ବର୍ତ୍ତମାନ ଅଧକ୍ଷା ବିଜୟଲକ୍ଷ୍ମୀ ପରିଡ଼ା ଯୋଗଦେବା ପରେ ନାକ୍ ଟିମ୍ ଆସିବା ପାଇଁ ପ୍ରସ୍ତୁତ କରିଥିଲେ ମଧ୍ୟ କର୍ମଚାରୀମାନେ ତାଙ୍କୁ ଅସହଯୋଗ କରୁଥିବା ଶୁଣିବାକୁ ମିଳୁଛି। ନାକ୍ ଟିମ୍ ଆସିବା ପାଇଁ ୮ ଜଣଙ୍କୁ ନେଇ ୨୦୧୮ ମେ'ରେ ନାକ୍ କମିଟି ଗଠନ କରାଯାଇଥିଲା। ଜୁନ୍‌ରେ କାମ ଆରମ୍ଭ କରାଯାଇ ନଭେମ୍ବର ଶେଷ ସୁଦ୍ଧା ଏକ୍ୟୁଆର (ଆନୁଆଲ କ୍ୱାଲିଟି ରିପୋର୍ଟ) କରିବାକୁ କୁହାଯାଇଥିଲା। ହେଲେ ବର୍ତ୍ତମାନ ସୁଦ୍ଧା ଏହା ହୋଇପାରିନାହିଁ। ବର୍ଷକୁ ୩ ଥର ଏକ୍ୟୁଆର ବୈଠକ ବସିବା କଥା କିନ୍ତୁ ତାହା ହୋଇପାରି ନାହିଁ। ସେହିଭଳି ଇଣ୍ଟରନାଲ କ୍ୱାଲିଟି ଆସ୍ୟୁରାନ୍ସ ସେଲ୍ (ଆଇକ୍ୟୁଆଇ ସି) ବୈଠକ ବର୍ଷକୁ ୩ ଥର ହେବା କଥା। ସେସବୁ ମଧ ହୋଇନାହିଁ। ଖାଲି ସେତିକି ନୁହେଁ, ନାକ୍ ଟିମ୍ ଆସିବା ପାଇଁ ମହାବିଦ୍ୟାଳୟ ଫଣ୍ଡରୁ ୩୯ ହଜାର ଟଙ୍କା ଡିପୋଜିଟ୍ ହୋଇଥିଲା। କମିଟି ଠିକ୍‌ଭାବେ କାର୍ଯ୍ୟ ନ କରିବା ଯୋଗୁ ସେସବୁ ଟଙ୍କା ପାଣିରେ ପଡ଼ିଲା। ସଦସ୍ୟମାନଙ୍କ ଏହିଭଳି କାର୍ଯ୍ୟ ନାକ୍ ଟିମ୍ ଆସିବା ନେଇ କେତେ ତତ୍ପରତା ପ୍ରକାଶ କରୁଛି ତାହା ସହଜରେ ଅନୁମେୟ। ମହାବିଦ୍ୟାଳୟ ଅଧକ୍ଷା ବିଜୟଲକ୍ଷ୍ମୀ ପରିଡ଼ାଙ୍କୁ ପଚାରିବାରୁ ଟିମ୍ ସଦସ୍ୟଙ୍କ ଅସହଯୋଗ ଯୋଗୁ ନାକ୍ ଟିମ୍ ଆସି ପାରି ନ ଥିବା ପ୍ରକାଶ କରିଥିଲେ। ମୁଁ ରାସ୍ତା ଓ ବଗିଚା କାମ କରାଇଥିଲି, ଏହା ପରେ ସଦସ୍ୟମାନେ କାଗଜପତ୍ର କାର୍ଯ୍ୟ ଠିକ୍ ଭାବେ କରି ନ ପାରିବାରୁ ନାକ୍ ଟିମ୍ ଆସିପାରୁନାହିଁ। ମୁଁ ଏକୁଟିଆ ଚାହିଁଲେ ଏହି କାର୍ଯ୍ୟ ହୋଇପାରିବ ନାହିଁ ବୋଲି ସେ ପ୍ରକାଶ କରିଥିଲେ।




ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ।

■ ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କୁ ବଳାତ୍କାର ଘଟଣା

# ଜେଲ ଗଲେ ସମ୍ପର୍କୀୟ ଭାଇ

**ଗଣିଆ, ୧୩।୩(ଡି.ଏନ.ଏ.)**

ଅଷ୍ଟମ ଶ୍ରେଣୀରେ ପଢୁଥିବା ଜଣେ ନାବାଳିକା ଛାତ୍ରୀଙ୍କୁ ବଳାତ୍କାର ଅଭିଯୋଗରେ ତାଙ୍କ ସମ୍ପର୍କୀୟ ଭାଇଙ୍କୁ ଗଣିଆ ପୋଲିସ ବୁଧବାର ସକାଳେ ଗିରଫ କରିଛି। ଡାକ୍ତରୀମାଇନା କରାଯିବା ପରେ ନୟାଗଡ ସ୍ୱତନ୍ତ୍ର ବିଚାର ବିଭାଗୀୟ ଅଦାଲତକୁ ପଠାଇ ଦିଆଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ଗତ ଫେବୃୟାରୀ ୨୮ ତାରିଖରେ ସମ୍ପୃକ୍ତ ଛାତ୍ରୀ ଜଣଙ୍କ ବିଦ୍ୟାଳୟକୁ ପଢ଼ିବାକୁ ଆସିଥିଲେ। ପୂର୍ବାହ୍ନ ସାଢେ ଏଗାରଟା ସମୟରେ ସମ୍ପର୍କୀୟ ଭାଇ ସ୍କୁଲରେ ପହଞ୍ଚି ଛାତ୍ରୀଙ୍କର ପାସପୋର୍ଟ ସାଇଜ ଫଟୋ ଉଠାଇବାକୁ ଯିବା ପାଇଁ ଛାତ୍ରୀଙ୍କ ମା' ତାଙ୍କୁ ପଠାଇଛନ୍ତି ବୋଲି କହିଥିଲେ। ସେ ତାଙ୍କର ଦାଦା ପୁଅ ଭାଇ ବୋଲି ଛାତ୍ରୀଙ୍କଠାରୁ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଜାଣିବା ପରେ ସ୍କୁଲରେ ଛୁଟି ଦରଖାସ୍ତ ଦେଇ ଛାତ୍ରୀଜଣଙ୍କ ଯାଇଥିଲେ। ତେବେ କିଛିବାଟ ଗଲା ପରେ ସମ୍ପର୍କୀୟ ଭାଇ ଛାତ୍ରୀଜଣଙ୍କୁ ଏକ ନିଛାଟିଆ ସ୍ଥାନକୁ ନେଇ ବଳାତ୍କାର କରିବାକୁ ଚେଷ୍ଟା କରିଥିଲେ। ନାବାଳିକା ଘଟଣାସ୍ଥଳରୁ ଖସି ପଳାଇଯିବାକୁ ଉଦ୍ୟମ କଲାବେଳେ ଯୁବକ ଛାତ୍ରୀଙ୍କ ଓଢ଼ଣି ଦ୍ୱାରା ହାତଗୋଡ ବାନ୍ଧିବା ସହ ମୁହଁକୁ ଚାପିଧରି ବଳାତ୍କାର କରିଥିଲେ। ପରେ ସମ୍ପୃକ୍ତ ଯୁବକ ଛାତ୍ରୀଜଣଙ୍କୁ ଘଟଣା ସମ୍ପର୍କରେ କାହାରିକୁ ନ କହିବା ପାଇଁ ବିଭିନ୍ନ ଧମକଚମକ ଦେଇ ସ୍କୁଲ ନିକଟରେ ଛାଡିଦେଇ ଫେରାର ହୋଇଯାଇଥିଲେ। ଏ ସମ୍ପର୍କରେ ପୀଡ଼ିତା ଜଣଙ୍କ କାନ୍ଦି କାନ୍ଦି ବିଦ୍ୟାଳୟର ଶିକ୍ଷୟିତ୍ରୀମାନଙ୍କ ଆଗରେ ପ୍ରକାଶ କରିଥିଲେ। ଚଳିତ ମାସ ୨ ତାରିଖ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଓ ସମ୍ପୃକ୍ତ ଛାତ୍ରୀଙ୍କ ମା' ଗଣିଆ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ଗଣିଆ ପୋଲିସ ନଂ ୦୯/୧୯ରେ ମାମଲା ରୁଜୁ କରିବା ସହ ନାବାଳିକା ଛାତ୍ରୀଙ୍କ ଡାକ୍ତରୀମାଇନା କରାଇଥିଲା। ଫେରାର ଯୁବକଙ୍କୁ ଧରିବା ପାଇଁ ଗଣିଆ ଥାନା ଭାରପ୍ରାପ୍ତ ଅଧିକାରୀ ଦୀପକ କୁମାର ଖଣ୍ଡାୟତରାୟ ଭୁବନେଶ୍ୱର, ଦଶପଲ୍ଲା ଓ ନୂଆଗାଁ ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଥିଲେ। ବୁଧବାର ସେ ନିଜ ଘରକୁ ଆସିଥିବା ବେଳେ ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ତାଙ୍କୁ ଗିରଫ କରିଥିଲା।

# ଜିଲାସ୍ତରୀୟ ଉଜ୍ଜ୍ୱଳ-ଉତ୍ଥାନ ତାଲିମ ଆରମ୍ଭ

## ଉଜ୍ଜ୍ୱଳରେ ୨୦୦, ଉତ୍ଥାନରେ ୬୦ ଶିକ୍ଷୟିତ୍ରୀ/ଶିକ୍ଷକଙ୍କୁ ତାଲିମ

**ରଣପୁର, ୧୩।୩(ସ୍ୱ.ପ୍ର.)**

ନୟାଗଡ ଜିଲା ଅନ୍ତର୍ଗତ ରଣପୁର ଶିକ୍ଷା ବ୍ଲକରେ ଶିକ୍ଷାର୍ଥୀମାନଙ୍କର ପ୍ରଶିକ୍ଷଣ ଦକ୍ଷତା ବୃଦ୍ଧି କରିବା ଉଦ୍ଦେଶ୍ୟରେ ବ୍ଲକସ୍ତରୀୟ ୧ମ ପର୍ଯ୍ୟାୟ ଉଜ୍ଜ୍ୱଳ ଓ ଉତ୍ଥାନ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ତାଲିମ ଶିବିର ଚଳିତ ମାସ ୧୧ ତାରିଖରୁ ଆରମ୍ଭ ହୋଇଥିଲା। ଗୁରୁବାର ଶିବିର ଉଦ୍‌ଯାପିତ ହେବ ବୋଲି ସିଆର୍‌ସିସି ଶକ୍ତି ପ୍ରସାଦ ଆଚାର୍ଯ୍ୟ ସୂଚନା ଦେଇଛନ୍ତି। ୨ୟ ଶ୍ରେଣୀରୁ ୫ମ ଶ୍ରେଣୀ ପିଲାମାନଙ୍କର ପ୍ରଶିକ୍ଷଣ ଦକ୍ଷତା ଅଭିବୃଦ୍ଧି ପାଇଁ ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କୁ ଉଜ୍ଜ୍ୱଳ ତାଲିମ ଦିଆଯାଉଥିବାବେଳେ ୬ଷ୍ଠରୁ ୮ମ ଶ୍ରେଣୀର ପିଲାମାନଙ୍କର ଶିକ୍ଷଣ ଦକ୍ଷତା ଅଭିବୃଦ୍ଧି ପାଇଁ ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କୁ ଉତ୍ଥାନ ତାଲିମ ଦିଆଯାଉଛି। ଏହି ପର୍ଯ୍ୟାୟରେ ୨୦୦ ଜଣଙ୍କୁ ଉଜ୍ଜ୍ୱଳ ତାଲିମ ଓ ୬୦ ଜଣଙ୍କୁ ଉତ୍ଥାନ ତାଲିମ ଦିଆଯାଉଛି। ଉଜ୍ଜ୍ୱଳ ବିଭାଗରେ ଶକ୍ତି ପ୍ରସାଦ ଆଚାର୍ଯ୍ୟ, ଉପେନ୍ଦ୍ର ବିଶୋଇ, ସୁଶୀଲ କୁମାର ରଣା, ଅଶୋକ ସାମନ୍ତରାୟ, ପ୍ରଭାତ ପଣ୍ଡା, ରାଜ କିଶୋର ଦାସ, ପବିତ୍ର ସାମନ୍ତରାୟ, ମାନସ ପଟ୍ଟନାୟକ, ଭାଗୀରଥି ସାହୁ, ନୃସିଂହ ଚରଣ ଚୌଧୁରୀ, ଶିବ ପ୍ରସାଦ ସାହୁ, ଚୈତନ୍ୟ ବେହେରା ପ୍ରଶିକ୍ଷକ ଭାବେ ତାଲିମ ଦେଉଥିବାବେଳେ ଉତ୍ଥାନ ବିଭାଗରେ ବିରୂପାକ୍ଷ ମହାପାତ୍ର, ଚିତ୍ତରଞ୍ଜନ ଦାସ, ଦାଶରଥି ମୁଦୁଲି, ପ୍ରଫୁଲ୍ଲ କୁମାର ପ୍ରଧାନ ପ୍ରଶିକ୍ଷକ ଭାବେ ତାଲିମ ଦେଉଛନ୍ତି। ରଣପୁର ବ୍ରଜେନ୍ଦ୍ର ଚନ୍ଦ୍ର ନୋଡାଲ ଉଚ୍ଚ ବିଦ୍ୟାଳୟରେ ଉଜ୍ଜ୍ୱଳର ୨ଟି ଓ ଉତ୍ଥାନର ଗୋଟିଏ, ଗୋପାଳପୁର ଉଚ୍ଚ ବିଦ୍ୟାଳୟରେ ଗୋଟିଏ ଉତ୍ଥାନ ତାଲିମ କେନ୍ଦ୍ର ଏବଂ ସାରଙ୍ଗଧରପୁର ନୋଡାଲ ଉଚ୍ଚ ବିଦ୍ୟାଳୟରେ ଗୋଟିଏ ଉଜ୍ଜ୍ୱଳ ତାଲିମ କେନ୍ଦ୍ର ଚାଲୁଅଛି। ବ୍ଲକ ଶିକ୍ଷା ଅଧିକାରୀ ଉପେନ୍ଦ୍ରନାଥ ସାହୁ ଓ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଅରୁଣ କୁମାର ମହାପାତ୍ର, ରତ୍ନାକର ପାଣି, ସର୍ବେଶ୍ୱର ଜେନା କାର୍ଯ୍ୟକ୍ରମକୁ ବିଭିନ୍ନ ତାଲିମକେନ୍ଦ୍ରରେ ଉଦ୍‌ଘାଟନ କରିଥିଲେ। ସିଆର୍‌ସିସି ଜ୍ୟୋତିରଞ୍ଜନ କର, ରସାନନ୍ଦ ବେହୁରା, ସନ୍ତୋଷ ମିଶ୍ର, ଶେଷଦେବ ସାହୁ ପରିଚାଳନାରେ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଶିକ୍ଷୟିତ୍ରୀଶିକ୍ଷକ।

# ଉତ୍‌ଥାନ ପ୍ରଶିକ୍ଷଣ ଶିବିର

**ନୟାଗଡ଼ ଅଫିସ, ୧୩।୩**

ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସ୍ତରରେ ପିଲାମାନଙ୍କୁ ନ୍ୟୁନତମ ଶିକ୍ଷଣ ଅଭିବୃଦ୍ଧି ନିମନ୍ତେ ଉଦ୍ଦିଷ୍ଟ ବ୍ଲକସ୍ତରୀୟ ଉତ୍‌ଥାନ ପ୍ରଶିକ୍ଷଣ ଶିବିର ସୋମବାର ନୟାଗଡ଼ ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ ଠାରେ ଆରମ୍ଭ ହୋଇଯାଇଛି। ସିଆରସିସି ମୃତ୍ୟୁଞ୍ଜୟ ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରକୁ ବ୍ଲକ ଶିକ୍ଷାଧିକାରୀ ଦାମୋଦର ଖିଲାର ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଉଦଘାଟନ କରିଥିଲେ। ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପିଲାଙ୍କ ପାଇଁ ଉଦ୍ଦିଷ୍ଟ ସାହିତ୍ୟ, ଗଣିତ, ବିଜ୍ଞାନ ଏବଂ ଇଂରାଜୀ ବିଷୟରେ ଉତ୍ତମ ଜ୍ଞାନ ଓ ଦକ୍ଷତାର ବିକାଶ ପାଇଁ ଶିକ୍ଷା ବର୍ଷ ଆରମ୍ଭରୁ ପ୍ରଥମ ୪୦ ଦିନ କେବଳ ଏହି ବିଷୟରେ ସ୍ୱତନ୍ତ୍ର ଭାବେ ପାଠପଢ଼ା କାର୍ଯ୍ୟ ଚାଲୁ ରହିବ। ଏହା ପରେ ନିୟମିତ ବିଷୟରେ ଶିକ୍ଷାଦାନ କାର୍ଯ୍ୟ ଚାଲୁ ରହିବ ବୋଲି ସୂଚନା ଦିଆଯାଇଥିଲା। ପ୍ରଥମ ପର୍ଯ୍ୟାୟ ଏହି ପ୍ରଶିକ୍ଷଣ ଶିବିରରେ ନୟାଗଡ଼ ବ୍ଲକରେ କାର୍ଯ୍ୟରତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୫୫ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଅଂଶ ଗ୍ରହଣ କରିଥିଲେ। ୧୪ ତାରିଖ ପଯ୍ୟନ୍ତ ହେବାକୁ ଥିବା ଏହି ପ୍ରଶିକ୍ଷଣ ଶିବିରରେ ପ୍ରଶିକ୍ଷକଭାବେ ପ୍ରଦୀପ କୁମାର ମହାପାତ୍ର, ସରୋଜ ମହାନ୍ତି, ପ୍ରଣତୀ ମହାପାତ୍ର ପ୍ରମୁଖ ଶିକ୍ଷକମାନଙ୍କୁ ତାଲିମ ଦେଇଥିଲେ।



ପ୍ରଶିକ୍ଷଣରେ ଯୋଗ ଦେଇଥିବା ଶିକ୍ଷକମାନେ।

# ଚିନ୍ତାମଣିଶ୍ୱର ଜୀଉଙ୍କୁ ଦର୍ଶନ କଲେ ସହସ୍ରାଧିକ ଶ୍ରଦ୍ଧାଳୁ

**ଗଣିଆ, ୧୩।୩ (ଡି.ଏନ.ଏ.)**

ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତ କୁମ୍ଭୀରଖଣି ଗ୍ରାମରେ ଶ୍ରୀ ଶ୍ରୀ ଚିନ୍ତାମଣିଶ୍ୱର ଜୀଉଙ୍କ ମନ୍ଦିର ପ୍ରତିଷ୍ଠା ଓ ବିଗ୍ରହ ସ୍ଥାପନ ଉତ୍ସବ କାର୍ଯ୍ୟକ୍ରମ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଗତ ସୋମବାରଠାରୁ ମନ୍ଦିର ପରିସରରେ ଚାଲିଥିବା ପଞ୍ଚକୁଣ୍ଡୀୟ ଘୃତଯଜ୍ଞର ବୁଧବାର ଅପରାହ୍ନରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ କରାଯାଇଥିଲା। ପୂର୍ଣ୍ଣାହୁତି ଦିବସରେ ଗଣିଆ ବ୍ଲକ ଅଧ୍ୟକ୍ଷ ଶେଷଦେବ ସ୍ୱାଇଁ କର୍ତ୍ତା ଭାବେ ଯୋଗଦେଇଥିଲେ। ବୁଧବାର ସକାଳୁ ଦେବତା ଉତ୍‌ଥାପନ, ନ୍ୟାସବେଦୀ ଆଗମନ, ସର୍ବଦେବ ଆହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମଧ୍ୟାହ୍ନରେ ରତ୍ନମୁଦ, ଧ୍ୱଜାବନ୍ଧନ ପରେ ଅପରାହ୍ନରେ ନୂତନ ବିଗ୍ରହଙ୍କ ପ୍ରାସାଦ ପ୍ରବେଶ, ପାର୍ଶ୍ୱ ଦେବତା ଓ ଗରୁଡ ସ୍ଥାପନ କରାଯାଇଥିଲା। ସନ୍ଧ୍ୟାରେ ଶ୍ରୀ ଜୀଉଙ୍କୁ ସର୍ବସାଧାରଣ ଦର୍ଶନ ନିମିତ୍ତ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥିଲା। ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବରେ ବହୁ ସାଧୁସନ୍ଥ ଯୋଗଦେଇଥିଲେ।



ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଚାଲିଛି।

# ପୂର୍ବତନ ବ୍ଲକ ଅଧକ୍ଷ ଭାଜପାରେ ଯୋଗଦେଲେ

**ବୋଲଗଡ଼, ୧୩।୩(ଡି.ଏନ.ଏ.)**

ବୋଲଗଡ଼ର ପୂର୍ବତନ ବ୍ଲକ ଅଧକ୍ଷ ତଥା ପୂର୍ବତନ ବ୍ଲକ ବିଜେଡି ସଭାପତି ରଘୁନାଥ ଷଡ଼ଙ୍ଗୀ ସମର୍ଥକଙ୍କ ସହ ବିଜେଡି ଛାଡି ଭାଜପାରେ ଯୋଗଦେଇଛନ୍ତି। ମଙ୍ଗଳବାର ଭୁବନେଶ୍ୱରରେ ଭାଜପା କାର୍ଯ୍ୟାଳୟଠାରେ ଆୟୋଜିତ ମିଶ୍ରଣ ପର୍ବରେ ଭାଜପାର ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ସଭାପତି ବସନ୍ତ ପଣ୍ଡା, କର୍ମକର୍ତ୍ତା ଅପରାଜିତା ଷଡଙ୍ଗୀ, ଭୃଗୁ ବକ୍ସିପାତ୍ର, ସମିର ମହାନ୍ତି, କନକବର୍ଦ୍ଧନ ସିଂଦେଓ ଏବଂ ଅଭିନେତ୍ରୀ ଅପରାଜିତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ବୋଲଗଡ଼ ଭାଜପା କାର୍ଯ୍ୟାଳୟଠାରେ ମଣ୍ଡଳ ସଭାପତି ଚନ୍ଦ୍ରଭାନୁ ମହାରଥୀଙ୍କ ଆବାହକତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଷଡ଼ଙ୍ଗୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ମହୀପୁର କ୍ରିକେଟ ପ୍ରିମିୟର ଲିଗ୍ ପ୍ରସ୍ତୁତି ବୈଠକ

**ନୂଆଗାଁ, ୧୩।୩(ଡି.ଏନ୍.ଏ.)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ୍ ମହୀପୁରଠାରେ ହେବାକୁ ଥିବା ମହୀପୁର କ୍ରିକେଟ ପ୍ରିମିୟର ଲିଗ୍‌ର ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମହୀପୁର ସ୍କୁଲ ପଡ଼ିଆରେ ଏହା ଏପ୍ରିଲ ୧ରୁ ଆରମ୍ଭ ହୋଇ ୧୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବା ପାଇଁ ସ୍ଥିର ହୋଇଛି। ଏଥିରେ କେବଳ ନୂଆଗାଁ ବ୍ଲକରେ ଥିବା ଟିମ୍‌ଗୁଡ଼ିକ ଭାଗ ନେଇପାରିବେ। ଭାଗନେବା ପାଇଁ ଖେଳାଳିମାନେ ଚଳିତ ମାସ ୧୬ ରୁ ୨୫ ତାରିଖ ଯାଏ ଆବେଦନ କରିବା ସହ ୨୭ ତାରିଖରେ ମହୀପୁର କ୍ରିକେଟ ଗ୍ରାଉଣ୍ଡରେ ହେବାକୁ ଥିବା ନିଲାମ ପ୍ରକ୍ରିୟାରେ ଅଂଶ ଗ୍ରହଣ କରିବେ। ବୈଠକରେ ମହୀପୁର କ୍ରୀଡ଼ା ସଂସଦର ସଭାପତି ଅମିୟ କୁମାର ପାତ୍ର, ସମ୍ପାଦକ ସିଦ୍ଧାର୍ଥ ରତ୍ନ, କୋଷାଧ୍ୟକ୍ଷ ଜିତେନ୍ଦ୍ର କୁମାର ନାୟକ, ଆୟୋଜକ ରବୀନ୍ଦ୍ର କୁମାର ସ୍ୱାଇଁ, ଟୁଟୁ ସାହୁ, ପ୍ରଦ୍ୟୁମ୍ନ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବାଲ୍ୟ ବିବାହ ରୋକିଲା ଚାଇଲ୍ଡଲାଇନ୍

**ଗଣିଆ, ୧୩।୩(ଡି.ଏନ.ଏ.)**

ନୟାଗଡ ଜିଲା ଗଣିଆ ବ୍ଲକ କରଡାପଡା ପଞ୍ଚାୟତ କଳାଶିମିଳି ଗ୍ରାମରେ ବୁଧବାର ଏକ ବାଲ୍ୟବିବାହର ଆୟୋଜନ କରାଯାଉଥିବା ବେଳେ ନୟାଗଡ ଚାଇଲ୍ଡଲାଇନ ତରଫରୁ ତାହାକୁ ରୋକାଯାଇଛି। କଳାଶିମିଳି ଗ୍ରାମର ଜଣେ ୧୭ ବର୍ଷୀୟ ଝିଅଙ୍କ ସହ ଦଶପଲ୍ଲା ଥାନା ଅନ୍ତର୍ଗତ ବାରପୁରିକିଆ ଗ୍ରାମର ଭିକାରି ନାୟକଙ୍କ ପୁଅ ଦିଲୀପଙ୍କ ବୈଦିକ ରୀତିରେ ବିବାହ ପାଇଁ ସମସ୍ତ ଆୟୋଜନ ହୋଇଥିଲା। ଖବରପାଇ ନୟାଗଡ ଚାଇଲ୍ଡଲାଇନର ଆନନ୍ଦ ଚନ୍ଦ୍ର ବେହେରା, ନିରଞ୍ଜନ ସାହୁ, ଗଣିଆ ସିଡିପିଓ ଲକ୍ଷ୍ମୀ ଦାଶଙ୍କ ସମେତ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ବିବାହକୁ ବନ୍ଦ କରିଥିଲେ। ଏଥିସହ କନ୍ୟାଙ୍କୁ ୧୮ ବର୍ଷ ବୟସ ନ ହେବା ପର୍ଯ୍ୟନ୍ତ ବିବାହ କରାଯାଇପାରିବ ନାହିଁ ବୋଲି ଚାଇଲ୍ଡଲାଇନ ତରଫରୁ କୁହାଯାଇଥିଲା। ବିବାହକୁ ବନ୍ଦ କରିବା ପାଇଁ ଉଭୟ ପକ୍ଷ ସହମତି ପ୍ରକାଶ କରି ଏକ ଚୁକ୍ତିପତ୍ରରେ ସ୍ୱାକ୍ଷର କରିଥିଲେ।



ଚାଇଲ୍ଡଲାଇନ ତରଫରୁ ବାଲ୍ୟ ବିବାହ ରୋକାଯାଉଛି।

■ ସୁଗାର ଫ୍ୟାକ୍ଟ୍ରି, ବାସନ ଶିଳ୍ପର ନାହିଁ ଚିହ୍ନବର୍ଣ୍ଣ

# ବେକାରି ଦୂର ପାଇଁ ଶିଳ୍ପାନୁଷ୍ଠାନର ପୁନରୁଦ୍ଧାର ହେଉ

**ଖଣ୍ଡପଡ଼ା, ୧୩।୩(ସ୍ୱ.ପ୍ର.)**

ତତ୍କାଳୀନ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁସାରେ ଦୀର୍ଘ ୬୦ ବର୍ଷ ତଳେ କେତେକ ଗ୍ରାମ ପଞ୍ଚାୟତରେ ବିଭିନ୍ନ ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଅବିଭକ୍ତ ପୁରୀ ଜିଲା ଅଧୀନ ପ୍ରତ୍ୟେକ ବ୍ଲକକୁ ପଞ୍ଚାୟତ ସମିତି ଭାବେ ଆଖ୍ୟା ଦିଆଯାଉଥିଲା। ଖଣ୍ଡପଡ଼ା ବ୍ଲକରେ ଏକ ଚିନିକଳ(ସୁଗାର ଫ୍ୟାକ୍ଟ୍ରି) ଓ କଣ୍ଟିଲୋଠାରେ ନୀଳମାଧବ ଆଲୁମିନିୟମ ବାସନ ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା କରାଯାଇଥିଲା। ସେହି ସମୟରେ ଲକ୍ଷାଧିକ ଟଙ୍କା ବ୍ୟୟରେ ପ୍ରତିଷ୍ଠା କରାଯାଇଥିବା ଏହି ଆଲୁମିନିୟମ ଫ୍ୟାକ୍ଟ୍ରିରୁ ବିଭିନ୍ନ ବାସନ ସାମଗ୍ରୀ ଉତ୍ପାଦନ କରି ବ୍ୟବସାୟ ପ୍ରତିଷ୍ଠାନକୁ ବିକ୍ରି କରାଯାଉଥିଲା। ଶିଳ୍ପ ବିଭାଗ ପକ୍ଷରୁ ଏଠାରେ ଜଣେ ପଞ୍ଚାୟତ ଶିଳ୍ପ ଅଧିକାରୀ(ପିଆଇଓ)ଙ୍କୁ ମଧ ନିଯୁକ୍ତି କରାଯାଇଥିଲା। ପ୍ରଥମେ ଏହା ଏକ ଲାଭଜନକ ଶିଳ୍ପ ଭାବେ ଦୃଷ୍ଟିଗୋଚର ହୋଇଥିଲା। ମାତ୍ର ପରବର୍ତ୍ତୀ ପର୍ଯ୍ୟାୟରେ ପରିଚାଳନାଗତ ତ୍ରୁଟି ଯୋଗୁ ଏହା କ୍ଷତିର ସମ୍ମୁଖୀନ ହୋଇ ବନ୍ଦ ହୋଇଯାଇଥିଲା। ଏଠାରେ ଥିବା ଲକ୍ଷାଧିକ ଟଙ୍କାର ଯନ୍ତ୍ରପାତି ଅଚଳ ହୋଇ ପଡିବା ସହିତ ଆବଶ୍ୟକ ସାମଗ୍ରୀମାନ ନଷ୍ଟ ହେବାକୁ ଯାଉଥିଲା। ତେଣୁ ଏ ସମସ୍ତ ସାମଗ୍ରୀ ଓ ଯନ୍ତ୍ରପାତି ବିକ୍ରି କରାଯାଇ ପ୍ରାପ୍ୟ ଅର୍ଥ ସରକାରୀ ତହବିଲରେ ଜମା କରିବା ପାଇଁ ଗଣମାଧମରେ ସୂଚନା ପ୍ରକାଶ ପାଇଥିଲା। ନିୟମାନୁସାରେ ବିକ୍ରିଲବ୍ଧ ଅର୍ଥ ସରକାରୀ ତହବିଲରେ ଜମା କରାଯାଇଥିଲା ବୋଲି ଜନୈକ ଶିଳ୍ପ ବିକାଶ ଅଧିକାରୀ ପ୍ରକାଶ କରିଛନ୍ତି। ତେବେ ଇତିମଧରେ କୁଞ୍ଜବିହାରୀ ବାଳିକା ଉଚ୍ଚ ବିଦ୍ୟାଳୟ ନିକଟରେ ଥିବା ସମ୍ପୃକ୍ତ ଶିଳ୍ପାନୁଷ୍ଠାନଟି ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଅଫିସ ଗୃହଟି ଭୁଷୁଡି ପଡିଲାଣି। ଅବଶିଷ୍ଟ ଘରଗୁଡିକ ଭଗ୍ନ ଅବସ୍ଥାରେ ରହିଥିଲେ ମଧ କେତେଜଣ ଜବରଦଖଲ କରି ସ୍ଥାୟୀ ଭାବେ ବସବାସ କରୁଥିବା ଦେଖାଯାଉଛି। ସେହିପରି ଖଣ୍ଡପଡାରେ ଥିବା ସୁଗାର ଫ୍ୟାକ୍ଟ୍ରିର ଏବେ ଚିହ୍ନବର୍ଣ୍ଣ ନାହିଁ। ଏଠାରେ ସମ୍ପ୍ରତି ଅଗ୍ନିଶମ ସେବା କାର୍ଯ୍ୟାଳୟ ରହିଛି। ରାଜ୍ୟ ସରକାର କୃଷି ଓ ଶିଳ୍ପ ଉପରେ ଅଗ୍ରାଧିକାର ଦେଇ ବିକାଶର ବାର୍ତ୍ତା ଦେଉଥିବା ବେଳେ ଅତୀତର ସ୍ମୃତି ବହନ କରୁଥିବା ଏହି ଶିଳ୍ପାନୁଷ୍ଠାନକୁ ପୁନରୁତ୍ଥାନ କରି ଶିକ୍ଷିତ ବେକାର ଯୁବକ/ଯୁବତୀମାନଙ୍କୁ କର୍ମନିଯୁକ୍ତି ଦେବାକୁ ସାଧାରଣରେ ଦାବି ହେଉଛି।



ଜରାଜୀର୍ଣ୍ଣ ଅବସ୍ଥାରେ ଆଲୁମିନିୟମ ଫ୍ୟାକ୍ଟ୍ରି।